# ଜୟ ଶ୍ରୀରାମ ଧ୍ୱନିରେ କମ୍ପିଲା ପୁରପଲ୍ଲୀ

ନିମାପଡ଼ା,୨୭।୩(ସମିସ)




ବିଶ୍ୱହିନ୍ଦୁ ପରିଷଦ, ନିମାପଡ଼ା ପକ୍ଷରୁ ହିନ୍ଦୁ ସମାଜର ଧର୍ମ, ସଂସ୍କୃତି ଓ ସାମାଜିକ ଏକତାର ପ୍ରତୀକ ମର୍ଯ୍ୟାଦା ପୁରୁଷୋତ୍ତମ ଭଗବାନ ଶ୍ରୀରାମଙ୍କ ଜନ୍ମ ଉତ୍ସବ ପାଳିତ ହୋଇଯାଇଛି। ଜଇନବାଦଠାରୁ ଆଜ୍ଞା ମାଳ ଆସିବା ସହ ରାମ, ଲକ୍ଷ୍ମଣ ସୀତା ବିଗ୍ରହ ସୁସଜ୍ଜିତ ରଥ ପୂର୍ଣ୍ଣେଶ୍ୱରଙ୍କ ପ୍ରାଙ୍ଗଣରେ ପହଞ୍ଚିଥିଲା। ପରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଏହି ଦିବସ ଅବସରରେ ମଠ ମହନ୍ତ, ସ୍ୱେଚ୍ଛାସେବକ, ବିଭିନ୍ନ ଧର୍ମାନୁଷ୍ଠାନ, କର ସେବକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ନିମାପଡ଼ା ବିଶ୍ୱହିନ୍ଦୁ ପରିଷଦର ସଭାପତି ସୀମନ୍ତ ଶେଖର ରଥ ସଭାପତିତ୍ୱ କରିଥିବାବେଳେ ରାଜ୍ୟ ସହ ସମ୍ପାଦକ ଉମାଶଙ୍କର ଆଚାର୍ଯ୍ୟ, ଏନ୍ଏସି ଚେୟାରମ୍ୟାନ ସସ୍ମିତା ସାହୁ, ମହେନ୍ଦ୍ର ସିଂ ଭାଟିଆ, ବାବା ବୈକୁଣ୍ଠ ନାଥ ଦାସ, ଲିଙ୍ଗରାଜ ଦାସ, ସମାଜସେବୀ ଲୋକନାଥ ସାହୁ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ରାଜ୍ୟ ସହ ସମ୍ପାଦକ ଉମାଶଙ୍କର ଆଚାର୍ଯ୍ୟ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶ୍ରୀରାମ ନବମୀ ଅବସରରେ ଶ୍ରୀମତୀ ପରିଡ଼ା ଶୁଭକାମନା ଜଣାଇଥିଲେ। ନିମାପଡ଼ାବାସୀ ସକାଳେ ଦ୍ୱାର ସମ୍ମୁଖରେ କଳସ ସ୍ଥାପନ କରିବା ସହ ଗୈରିକ ପତାକା ଲଗାଇ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶ୍ରୀରାମ ମହୋତ୍ସବ କମିଟିର ସଂଯୋଜକ ଶ୍ରୀକାନ୍ତ ସାମନ୍ତରାୟ, କୋଷାଧ୍ୟକ୍ଷ ଆଇଟି ପାତ୍ର, ଜିଲ୍ଲା ଉପ-ସଭାପତି ଶରତ କୁମାର ସେନାପତି, ଦୁର୍ଗାପ୍ରସାଦ ସାହୁ, ଜିଲ୍ଲା ପ୍ରମୁଖ ରଞ୍ଜନ କୁମାର ନାୟକ, ବଜରଙ୍ଗ ପ୍ରମୁଖ ରଞ୍ଜନ ପ୍ରଧାନ, ସହ ସମ୍ପାଦକ ଜ୍ୟୋତି ଛୋଟରାୟ, ବିଶ୍ୱଜିତ ମିଶ୍ର, ଚନ୍ଦ୍ରକାନ୍ତ ବରାଳ, ନିଗମାନନ୍ଦ ସାହୁ, ଅମୂଲ୍ୟ ପ୍ରସାଦ ଦାସ, ଶରତ ମିଶ୍ରଙ୍କ ସମେତ ବହୁ ସଂଖ୍ୟାରେ ଶ୍ରୀରାମପ୍ରେମୀ ଉପସ୍ଥିତ ଥିଲେ।

**ଅସ୍ତରଙ୍ଗ:** ଶୁକ୍ରବାର ପବିତ୍ର ରାମନବମୀରେ ସମ୍ପୂର୍ଣ୍ଣ ଅସ୍ତରଙ୍ଗ ଅଞ୍ଚଳ ଉତ୍ସବମୁଖର ହୋଇଛି। ହରିନାମ ସଂକୀର୍ତ୍ତନ ଓ ରାମ ନାମରେ ପୁରପଲ୍ଲୀ ପ୍ରକମ୍ପିତ ହୋଇଛି। ଅସ୍ତରଙ୍ଗର ମା ଉକୁଳେଇ ଦେବୀଙ୍କ ନିକଟରେ ଥିବା ପ୍ରାଚୀନ



ସିଦ୍ଧେଶ୍ୱର ଗାଦି ନିକଟରେ ବାବା ସିଦ୍ଧେଶ୍ୱର ଗାଦିବ୍ରହ୍ମ ଯୁବ ପରିଷଦ ଦ୍ୱାରା ଅଖଣ୍ଡ ନାମଯଜ୍ଞ ଅନୁଷ୍ଠିତ ହୋଇଛି। ଗୁରୁବାର ରାତ୍ର ସମୟରେ ଶ୍ରଦ୍ଧାଳୁମାନେ ଜଳ କଳସ ଆଣି ଯଜ୍ଞ ବେଦୀରେ ସ୍ଥାପନ କରିଥିଲେ। ପରେ ଅଖଣ୍ଡ ଅଷ୍ଟପ୍ରହର ନାମ ଯଜ୍ଞ ଆରମ୍ଭ ହୋଇଥିଲା। ଏହାକୁ ନେଇ ସମ୍ପୂର୍ଣ୍ଣ ଉକୁଳେଇ ଗ୍ରାମରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି। ସେହିପରି ଅସ୍ତରଙ୍ଗ ହରଣୀଗୁଳା ଅଣଚମ୍ପା ନିକଟରେ ଦୀର୍ଘ ୪୩ ବର୍ଷରେ ପଦାର୍ପଣ କରିଛି ଶ୍ରୀରାମ ପାରାୟଣ।

**କଣାସ:** କଣାସ ବ୍ଲକ୍‌ର ପୁରପଲ୍ଲୀରେ ଶ୍ରୀରାମନବମୀ ଉତ୍ସବ ପାଳିତ ହୋଇଛି।



ଗଡ଼ବଡ଼ପୁଟ ଐତିହାସିକ ଗ୍ରାମ ପାହାଡ଼ ଉପରେ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ମନ୍ଦିରରେ ତୃତୀୟ ବାର୍ଷିକ ରାମ ଜନ୍ମ ଉତ୍ସବ ପାଳିତ ହୋଇଥିଲା। ମୁଖ୍ୟ କର୍ତ୍ତାଭାବେ ଶରତ ଚନ୍ଦ୍ର ରାୟ ଏବଂ ସୁମିତ୍ରା ରାୟ କାର୍ଯ୍ୟ ସମ୍ପାଦନ କରିଥିଲେ। ଗ୍ରାମର ଶତାଧିକ ମହିଳା ଓ ପୁରୁଷ କଳସ ଶୋଭାଯାତ୍ରାରେ ଯୋଗ ଦେଇଥିବାବେଳେ ପୁରୀ ସାଂସଦ ଡାକ୍ତର ସମ୍ବିତ ପାତ୍ର ଓ ସତ୍ୟବାଦୀ ଯୁବ ବିଧାୟକ ଓମ ପ୍ରକାଶ ମିଶ୍ର କଳସ ଯାତ୍ରାରେ ଯୋଗଦେଇ ଶ୍ରୀରାମ ଚନ୍ଦ୍ରଙ୍କ ଆଶୀର୍ବାଦ ଲାଭ କରିଥିଲେ। ଶ୍ରୀରାମଚନ୍ଦ୍ର, ଲକ୍ଷ୍ମଣ, ସୀତା ଓ ପରମ ଭକ୍ତ ହନୁମାନ ବେଶଧାରୀ ଭକ୍ତ ଶୋଭାଯାତ୍ରାରେ ଗ୍ରାମ୍ୟ ପରିକ୍ରମା କରିଥିଲେ। ସେହିପରି ସାହସପୁର ରଘୁନାଥ ନାଟ୍ୟ ସଂସଦ ପକ୍ଷରୁ ଶ୍ରୀରାମ ନବମୀ ମହାସମାରୋହରେ ପାଳିତ ହେଉଛି।

**କୃଷ୍ଣପ୍ରସାଦ:** ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ୍‌ରେ ଗଛ ମଣିଷ ଭାବେ ପରିଚିତ ଅମିତା ତରେଇ, ଶଙ୍କର ପଲେଇ, ମୀନାରାଣୀ ସାହୁ, ବିଦ୍ୟାଧର ପଲେଇ, ଦୁଃଶାସନ ତରେଇ, ସୁକାନ୍ତ ବିଶ୍ୱାଳ, ମହେଶ୍ୱର ସେଠୀ, ଭଗବାନ ତରେଇ ପ୍ରମୁଖ ପ୍ରାୟ ଶହେରୁ ଉର୍ଦ୍ଧ୍ୱ ରାମ ଭକ୍ତ ରାମ ରାଜ୍ୟ ପ୍ରତିଷ୍ଠା କରିବା ଲକ୍ଷ୍ୟରେ ବିଭିନ୍ନ ଧାର୍ମିକ ସ୍ଲୋଗାନ ଦେଇ ଏକ ମଟର ସାଇକଲ ରାଲି କରିଥିଲେ। ସେମାନେ ରଘୁନାଥଙ୍କ ଠାରୁ ଏକ ଝଣ୍ଡା ମାଳ ଧରି ମାଲୁଦ ପଞ୍ଚମୁଖୀ ମନ୍ଦିର, ଅଣୁଆ ରଘୁନାଥ ମନ୍ଦିର, କାମଳାସିଂହ ରଘୁନାଥ ମନ୍ଦିର ଯାଏଁ ୪୦ କିଲୋମିଟର ଯାଇଥିଲେ। ସେହିଭଳି ପଞ୍ଚମୁଖୀ ସେବାଦଳ ପ୍ରୟାଗି ଠାରୁ ଏକ ମଟର ସାଇକଲରେ ରାମଧ୍ୱନି ଦେଇ କମଳେଶ୍ୱରଙ୍କ ପୀଠ ଯାଏଁ ଯାଇଥିଲେ। ରାମ ନବମୀରେ ସମଗ୍ର କୃଷ୍ଣପ୍ରସାଦ ଅଞ୍ଚଳ ଭକ୍ତିମୟ ହୋଇ ଉଠିଥିଲା।

**ସାକ୍ଷୀଗୋପାଳ:** ସାକ୍ଷୀଗୋପୀନାଥ ମନ୍ଦିର ସିଂହଦ୍ୱାର ସମ୍ମୁଖରେ ଶ୍ରୀରାମ ଜନ୍ମ ମହୋତ୍ସବ କମିଟି ତରଫରୁ ଶ୍ରୀରାମ ଜନ୍ମୋତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ସତ୍ୟବାଦୀ ମହୋତ୍ସବ କମିଟି ଓ ଶ୍ରୀରାମ ଜନ୍ମ ମହୋତ୍ସବ ଅନୁଷ୍ଠାନ ଆନୁକୂଲ୍ୟରେ ସତ୍ୟବାଦୀ ବ୍ଲକ ଛକ ନିକଟସ୍ଥ ବାଟ ମହାବୀର ମନ୍ଦିର ଠାରୁ ସାକ୍ଷୀଗୋପାଳ ମନ୍ଦିର ନିକଟରେ ଅବସ୍ଥିତ ରାମ ମନ୍ଦିର ପର୍ଯ୍ୟନ୍ତ ଶୋଭାଯାତ୍ରା ଯାଇଥିଲା। ଏହି ଶୋଭାଯାତ୍ରାରେ ପାରମ୍ପରିକ ଗୋଟିପୁଅ ନୃତ୍ୟ, ନାଗା ନୃତ୍ୟ, ସଂକୀର୍ତ୍ତନ ମଣ୍ଡଳୀ, ରାମ, ଲକ୍ଷ୍ମଣ, ସୀତା ଏବଂ ହନୁମାନ ବେଶରେ କୁନି କୁନି ପିଲାମାନେ ଯାଇଥିଲେ। ସତ୍ୟବାଦୀ ମହୋତ୍ସବ କମିଟିର ସଭାପତି ତଥା ସତ୍ୟବାଦୀ ବିଧାୟକ ଓମପ୍ରକାଶ ମିଶ୍ର, ଜିଲ୍ଲା ପରିଷଦ ସଭ୍ୟ ରତିକାନ୍ତ ମିଶ୍ର, ଜିଲ୍ଲା ପରିଷଦ ସଭ୍ୟା ବିଷ୍ଣୁପ୍ରିୟା ବରାଳ, ସମ୍ପାଦକ ଦୀପକ ଶତପଥୀ, ଯୁଗ୍ମ ସମ୍ପାଦକ ଭବାନୀ ଶଙ୍କର ନନ୍ଦ, ସଂଯୋଜକ ଜାନକୀ ବଲ୍ଲଭ ବରାଳ, କୋଷାଧ୍ୟକ୍ଷ ପ୍ରିୟରଞ୍ଜନଙ୍କ ସମେତ ଶତାଧିକ ଯୁବକ ଓ ମହିଳା ଏହି ଶୋଭାଯାତ୍ରାରେ ସାମିଲ



ହୋଇଥିଲେ। ଅନୁଷ୍ଠାନର ସଭାପତି ସତ୍ୟବାଦୀ ଦାଶ ଓ ସମ୍ପାଦକ ବାଳକୃଷ୍ଣ ମହାପାତ୍ର ପ୍ରମୁଖ ଉପସ୍ଥିତ ରହିଥିଲେ।

**ଚାରିଛକ:** ପବିତ୍ର ଶ୍ରୀରାମ ନବମୀ ଅବସରରେ ଚାରିଛକସ୍ଥିତ ହିନ୍ଦୁ ସମାଜ ଚାରିଛକ ମଣ୍ଡଳ ପକ୍ଷରୁ ଶ୍ରୀରାମ ନବମୀ ପାଳିତ ହୋଇଯାଇଛି। ସ୍ଥାନୀୟ ବ୍ରହ୍ମେଶ୍ୱରଙ୍କ ମନ୍ଦିର ନିକଟରେ ଥିବା ଶ୍ରୀରାମ ମନ୍ଦିରରେ ଖେଚୁଡ଼ି ପ୍ରସ୍ତୁତକରି ଚାରିଛକ ବଜାରରେ ଭକ୍ତମାନଙ୍କୁ ବଣ୍ଟନ କରାଯାଇଥିଲା । କାର୍ଯ୍ୟକ୍ରମରେ ପର୍ଶୁରାମ ପ୍ରଧାନ, ଲିଙ୍କୁନା ସ୍ୱାଇଁ, ମାନସ ସାହୁ, ଦୁର୍ଯ୍ୟୋଧନ ପଟ୍ଟନାୟକ, ସଞ୍ଜୟ ବାରିକ, ବାବୁରାମ ପାତ୍ର, ସ୍ମୃତି ରଞ୍ଜନ କାଣ୍ଡିଙ୍କ ସମେତ ଶତାଧିକ ଭକ୍ତ ଯୋଗ ଦେଇଥିଲେ। ସେହିପରି ଓରପଟ, ନୂଆଗାଁ, ବାହାରଣା, ବାଇଦପଡ଼ା, ଭୋଦର, ଛଣିଜଙ୍ଗ, ତୁଳସୀପୁର, ତମ୍ପାଲୋ, ବିଶିମାତ୍ରୀ, କନ୍ତିଆ, ଅମରେଶ୍ୱର, ବନ୍ଦେଶ୍ୱର ଆଦି ସ୍ଥାନରେ ରାମନବମୀ ପାଳିତ ହୋଇଯାଇଛି।

**ଗୋପ:** ଗୋପ ଅଞ୍ଚଳରେ ଭଗବାନ ଶ୍ରୀରାମଙ୍କ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି। ଗୋପ ବ୍ଲକ୍ ବେଗୁନିଆ ସ୍ଥିତ ଚିନ୍ତାହରଣ ମଠ ସ୍ଥିତ ହନୁମାନ ମନ୍ଦିରରେ ଶ୍ରୀରାମ ନବମୀ ପାଳିତ ହୋଇଯାଇଛି। ଦୀର୍ଘ ୯ ଦିନ ଧରି ଚାଲିଥିବା ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ ର ପୂର୍ଣ୍ଣାହୁତୀ ଅନୁଷ୍ଠିତ ହୋଇଯାଇଛି। ସେହିପରି ବଣିଆସାହି ଗ୍ରାମରେ ଥିବା ହନୁମାନ ମନ୍ଦିରରେ ମଧ୍ୟ ଶ୍ରୀରାମ ନବମୀ ପାଳିତ ହୋଇଯାଇଛି।

## ମାଫିଆ ସକ୍ରିୟ; ଖଣିରେ ଜଳିଲା ଜେସିବି

**ଡେଲାଙ୍ଗ,୨୭।୩(ସମିସ):** ବହୁବର୍ଷ ଧରି ଶାନ୍ତ ଥିବା ଡେଲାଙ୍ଗ ଗତକିଛି ମାସ ହେଲା ଅଶାନ୍ତ ହୋଇପଡ଼ିଲାଣି। ଗତ କିଛିମାସ ମଧ୍ୟରେ ଅଞ୍ଚଳରେ ବାଲି, ମୋରମ, ମାଙ୍କଡ଼ା ପଥର ଆଦିର ଚୋରାଚାଲାଣ ସହିତ ଚୋରି ଡକାୟତି ଓ ରାହାଜାନୀ ସଂଖ୍ୟା ବଢ଼ିବାରେ ଲାଗିଛି। ସେହିପରି ଅଞ୍ଚଳରେ ମାରପିଟ, ଗଣ୍ଡଗୋଳ ଓ ବୋମା ବିସ୍ଫୋରଣ ଘଟଣା ମଧ୍ୟ ବୃଦ୍ଧି ପାଇଛି। ଏହି ଘଟଣା ଅପରାଧ ନିୟନ୍ତ୍ରଣରେ ଡେଲାଙ୍ଗ ପୁଲିସର ବିଫଳତାକୁ ପଦାରେ ପକାଇଛି। ଅନ୍ୟପଟେ ଡେଲାଙ୍ଗ ଅଞ୍ଚଳର ବିଭିନ୍ନ ସ୍ଥାନରେ ବେଆଇନ୍ ପଥରଖଣି ସ୍ପଷ୍ଟ ଦିବାଲୋକରେ ଚାଲୁଥିବା ବେଳେ ପୁଲିସ ଓ ଖଣି ବିଭାଗ ନିରବଦ୍ରଷ୍ଟା ସାଜିଥିବା ଅଭିଯୋଗ ହୋଇଛି। ଗୋଡ଼ିପୁଟ-ମାଟିଆପଡ଼ା ପଞ୍ଚାୟତର ବରପଦା ମୌଜାରେ ଥିବା ତାଳେଶ୍ୱର ଦେବଙ୍କ ମନ୍ଦିର ନିକଟରେ ଖଣି ମାଫିଆମାନେ ବେଧଡକ ମୋରମ ଓ ମାଙ୍କଡ଼ା ପଥର ଚୋରା ଚାଲାଣ କରିବା ସହିତ ଲକ୍ଷାଧିକ ସରକାରୀ ରାଜସ୍ୱ ହାନି କରୁଥିବା ନେଇ ବାରମ୍ବାର ଅଭିଯୋଗ ହୋଇଆସୁଥିଲା। ଏ ନେଇ ପୁଲିସ ଓ



ପୁଲିସ ଓ ଖଣି ବିଭାଗ ପାଖେ ଖବର ନାହିଁ

ଖଣି ବିଭାଗ କୌଣସି ପଦକ୍ଷେପ ଗ୍ରହଣ ନକରିବାରୁ ଖଣି ମାଫିଆ ସକ୍ରିୟ ହୋଇ ଉଠିଛନ୍ତି। ତେବେ ଦୀର୍ଘଦିନ ଧରି ସେଠାରେ ଅଶାନ୍ତିର ବାତାବରଣ ସୃଷ୍ଟି ହୋଇଥିବା ବେଳେ ଶୁକ୍ରବାର ସକାଳୁ ସେହି ସ୍ଥାନରେ ଏକ ଜେସିବି ମେସିନ ହୁତୁହୁତୁ ହୋଇ ଜଳୁଥିବା ଲୋକେ ଦେଖିବାକୁ ପାଇଥିଲେ। ଏହାର ଚିତ୍ର ଏବେ ସାମାଜିକ ଗଣମାଧ୍ୟମରେ ପ୍ରଘଟ ହୋଇଥିଲାବେଳେ ଖଣି ମାଫିଆଙ୍କ ମଧ୍ୟରେ କୌଣସି କାରଣରୁ ଦ୍ୱନ୍ଦ୍ୱ ଉପୁଜିବାରୁ ଏହି ଘଟଣା ଘଟିଥିବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି। ତେବେ ଏ ନେଇ ପୁରୀ ଖଣି ବିଭାଗ ଓ ଡେଲାଙ୍ଗ ପୁଲିସ ପାଖରେ କୌଣସି ଖବର ନଥିବା ଜଣାପଡ଼ିଛି। ଗତବର୍ଷ ଅଗଷ୍ଟରେ ରେଙ୍ଗଳ ପଞ୍ଚାୟତର ଯମୁନା-ଝାରପଡ଼ା ଖଣିରୁ ବେଆଇନ ଭାବେ ଲଘୁ ଖଣିଜ ଚାଲାଣକୁ ସ୍ଥାନୀୟ ଲୋକେ ବିରୋଧ କରିବା ସହିତ ୩ ଟି ପଥର ବୋଝେଇ ଟ୍ରକ ଅଟକାଇ ପୁଲିସର ଜିମା ଦେଇଥିଲେ। ଡେଲାଙ୍ଗରେ ଦିନକୁ ଦିନ ବଢ଼ିଚାଲୁଥିବା ଲଘୁ ଖଣିଜ ଚୋରାଚାଲାଣ ଦିଗରେ ଜିଲ୍ଲା ପୁଲିସ ପ୍ରଶାସନ ବିହୀତ ପଦକ୍ଷେପ ଗ୍ରହଣ କରିବା ସହିତ ଖଣି ମାଫିଆଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାଧାରଣରେ ଦାବି ହୋଇଛି।

## ଚନ୍ଦ୍ରଭାଗା ସମୁଦ୍ରରେ ବୁଡ଼ି ଯୁବକ ମୃତ

**କୋଣାର୍କ,୨୭।୩(ସମିସ):** ଶୁକ୍ରବାର କୋଣାର୍କ-ପୁରୀ ବେଳାମାର୍ଗ ସଂଲଗ୍ନ ଇକୋ ରିଟ୍ରିଟଠାରେ ସମୁଦ୍ରରେ ସ୍ନାନ କରୁଥିବା ସମୟରେ ଲହଡ଼ିରେ ଭାସିଯାଇ ଜଣେ ଯୁବକଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ ଇକୋ ରିଟ୍ରେଟରେ ଶ୍ରମିକ ଭାବେ କାର୍ଯ୍ୟରେ ନିୟୋଜିତ ଥିବା ଉତ୍ତର ପ୍ରଦେଶର ଫିରୋଜାବାଦ ଆମ୍ବେଦେକର ନଗର ଅଞ୍ଚଳର ମୁନୁ କୁମାର(୨୦)। ସେ ନିକଟସ୍ଥ ସମୁଦ୍ରରେ ଗାଧୋଉଥିବା ବେଳେ ଲହଡ଼ିରେ ବୁଡିଯାଇଥିଲେ। ଖବର ପାଇ ଚନ୍ଦ୍ରଭାଗା ମେରାଇନ ଥାନା ପୁଲିସ ଓ ଲାଇଫଗାର୍ଡ ସମୁଦ୍ର ଭିତରୁ ମୁନୁଙ୍କୁ ଉଦ୍ଧାର କରିଥିଲେ। ପରେ ତାଙ୍କୁ ଚିକିତ୍ସା ନିମନ୍ତେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଚନ୍ଦ୍ରଭାଗା ମେରାଇନ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଥିବା ଥାନାଧିକାରୀ ସରସ୍ୱତୀ ସାହୁ ସୂଚନା ଦେଇଛନ୍ତି।

## ରତନପୁର ଯୁବ ମହୋତ୍ସବ ଉଦ୍‌ଯାପିତ




**ଚାରିଛକ,୨୭।୩ (ସମିସ):** ଚାରିଛକ ନିକଟସ୍ଥ ରତନପୁର ପଞ୍ଚାୟତ ଅଗ୍ରଗାମୀ ଯୁବକ ସଂଘ ଦ୍ୱାରା ୫ଦିନ ଧରି ଚାଲିଥିବା ରତନପୁର ଯୁବ ମହୋତ୍ସବ-୨୦୨୬ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଅଗ୍ରଗାମୀ ଯୁବକ ସଂଘର ସଭାପତି ଦିଲ୍ଲୀପ କୁମାର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ପୂର୍ବତନ ରାଷ୍ଟ୍ର ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନଗୋ, ମୁଖ୍ୟବକ୍ତା ଭାବେ ନିଆଳିର ପୂର୍ବତନ ବିଧାୟକ ରବୀନ୍ଦ୍ର କୁମାର ମଲ୍ଲିକ, ସମ୍ମାନିତ ଅତିଥିଭାବେ କବିରାଜ କୁଳମଣି ସାହୁ ମେମୋରିଆଲ ଟ୍ରଷ୍ଟର ଅଧ୍ୟକ୍ଷ ଡଃ କେଦାରନାଥ ସାହୁ, ଚାରିଛକ ପ୍ରେସ୍ କ୍ଲବ୍‌ର ସଭାପତି ପ୍ରଫୁଲ୍ଲ କୁମାର କର, ସମିତିସଭ୍ୟ କେଦାରନାଥ ବେହେରା, ପୂର୍ବତନ ସରପଞ୍ଚ ଜଗନ୍ନାଥ ବେହେରା, ପୂର୍ବତନ ସରପଞ୍ଚ ବାଳକୃଷ୍ଣ ବେହେରା, ଅଗ୍ରଗାମୀ ଯୁବକ ସଂଘର ପୂର୍ବତନ ସଭାପତି ଅନାଦି ଚରଣ ବେହେରା, ସମାଜସେବୀ କେଦାରନାଥ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ କାକଟପୁର ଅଞ୍ଚଳର କଳାକାରଙ୍କ ଦ୍ୱାରା ଆୟୋଜିତ ଘୋଡା ନାଚ ଦେଖି ଦର୍ଶକ ବିଭୋର ହୋଇପଡ଼ିଥିଲେ। ଏହି ଅବସରରେ କେତେକ ଗଣମାଧ୍ୟମ ପ୍ରତିନିଧି, ଆଦର୍ଶ କୃଷକ, ଅବସରପ୍ରାପ୍ତ ସେନା କର୍ମଚାରୀ, କଳାକାର ଓ କୃତୀ ପ୍ରତିଭାଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ସଂଘର ଉପ-ସଭାପତି ଲକ୍ଷ୍ମୀଧର ମଲ୍ଲିକ, ଡ୍ରାମାଟିକ ସେକ୍ରେଟାରୀ ଗଗନ ମଲ୍ଲିକ, ସଦସ୍ୟ ସୁଶାନ୍ତ କୁମାର ବେହେରା, କପିଳାସ ବେହେରା, ଜ୍ୟୋତି ରଞ୍ଜନ ବେହେରା, ବାସୁଦେବ ମଲ୍ଲିକ, ସଞ୍ଜୟ କୁମାର ବେହେରା, ବାବଜୀ ମଲ୍ଲିକ, ସୁକାନ୍ତ ବେହେରା, ସୁବ୍ରତ ବେହେରା, ପ୍ରଦୀପ ବେହେରା ପ୍ରମୁଖ ସହଯୋଗ କରିଥିଲେ। ବିଶିଷ୍ଟ ଶିକ୍ଷାବିତ ଯୋଗେନ୍ଦ୍ର ନାଥ ଦାସ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ସମ୍ପାଦକ ରାଜ କିଶୋର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ତୁଟିଲା ୩୫ ମୌଜା ୪ ପଡ଼ା ବିବାଦ; ପଣା ଯାତ୍ରା ପାଇଁ ସଜବାଜ

**କୃଷ୍ଣପ୍ରସାଦ,୨୭।୩(ସମିସ):** ପୁରୀଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ୍‌ର ଆରାଧ୍ୟ ଠାକୁର ବାବା କମଳେଶ୍ୱର ଦେବଙ୍କୁ ନେଇ କିଛିଦିନ ହେବ ଲାଗି ରହିଥିଲା ବିବାଦ। ଗତ ଦୋଳ ପୂର୍ଣ୍ଣିମାଠାରୁ ବିବାଦ କୁହୁଳି ୧୦ ଦୋଳରେ ଉଗ୍ରରୂପ ଧାରଣ କରିଥିଲା। ଏହାକୁ ନେଇ ଆଜି ବି ମାମଲା ଉଚ୍ଚ ନ୍ୟାୟାଳୟ ଏବଂ ଦେବୋତ୍ତର କମିସନରଙ୍କ ବିଚାରାଧୀନ ରହିଛି। ୧୦ ଦୋଳରେ ପରିସ୍ଥିତି ଅଣାୟତ୍ତ ହେବାରୁ ପ୍ରଶାସନ ୧୪୪ ଧାରା ଲାଗୁ କରି ଠାକୁରଙ୍କୁ ନେଇ ପରମ୍ପରାକୁ ତୁଲାଇଥିଲେ। ଯାତ୍ରରୁ ଫେରି କିଛିଦିନ ଠାକୁରଙ୍କ ପୂଜା ବିଧି ବନ୍ଦ ଥିବା ବେଳେ ଏହାର ସମାଧାନ ପାଇଁ ଅଣ୍ଟା ଭିଡ଼ିଥିଲେ ସାମାଜିକ କର୍ମୀ ତଥା ଶିକ୍ଷାବିତ କେଲୁ ଚରଣ ଜେନା ଏବଂ ବାଘମୁଣ୍ଡା ଗ୍ରାମ୍ୟ କମିଟି। ଏମାନଙ୍କ ଆହ୍ୱାନରେ ୩୫ ମୌଜା ପରିଚାଳନା କମିଟି ଏବଂ ୪ ପଡ଼ା ମଧ୍ୟରେ ଉପୁଜିଥିବା ବିବାଦ ସମାଧାନ ପାଇଁ ଏକ ସଭାର ଆୟୋଜନ କରାଯାଇଥିଲା। ଏଥିରେ ସ୍ଥାନୀୟ ବିଡିଓ, ତହସିଲଦାର, କୃଷ୍ଣପ୍ରସାଦ ଆରକ୍ଷୀ ନିରୀକ୍ଷକଙ୍କ ସମେତ ଉଭୟ ପକ୍ଷ ଆଲୋଚନା କରିଥିଲେ। ଆଗାମୀ ୧୪ ତାରିଖରେ ପ୍ରସିଦ୍ଧ ୨ୟ ବାଲିଯାତ୍ରା ଭାବେ ପରିଚିତ ପଣା ଯାତ୍ରାରେ ସମସ୍ତେ ସହଯୋଗ କରିବେ ବୋଲି ମତ ପ୍ରକାଶ କରିଥିଲେ। ପଣାଯାତ୍ରାରେ ସମସ୍ତେ ମିଳିମିଶି ସହଯୋଗ କରିବେ, କୌଣସି ବିବାଦ ସୃଷ୍ଟି କରିବେ ନାହିଁ ବୋଲି ଲିଖିତ ଭାବେ ପ୍ରତିଶ୍ରୁତି ଦେଇଥିବା ଜଣାଯାଇଛି। ପଣାଯାତ୍ରା ନିକଟତର ହୋଇ ଆସିଥିବା ବେଳେ ପ୍ରତିବର୍ଷ ଭଳି ଚଳିତ ବର୍ଷ ବିଭିନ୍ନ ବିଭାଗୀୟ ଦାୟିତ୍ୱ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଦିଆଯାଇଥିବା ଜଣାଯାଇଛି।

## ନାବାଳିକା ଅପହରଣ ଅଭିଯୋଗ; ମାମଲା ରୁଜୁ

**ନୟାହାଟ,୨୭।୩(ସମିସ):** ଜଣେ ନାବାଳିକାକୁ ଅପହରଣ କରିବା ଅଭିଯୋଗରେ ଗୋପ ଥାନା କେସ୍ ନମ୍ବର ୯୧/୨୬ରେ ଏକ ମାମଲା ରୁଜୁ କରାଯାଇଛି। ନୟାହାଟ ଫାଣ୍ଡି ଅନ୍ତର୍ଗତ ଇସାନପୁର ପଞ୍ଚାୟତ ଅମପଡ଼ା ଗ୍ରାମର ଜଣେ ଯୁବକ ପଦ୍ମପୋଖରୀ ଗ୍ରାମର ଜନୈକା ନାବାଳିକାକୁ ଅପହରଣ କରି ନେବା ଅଭିଯୋଗରେ ଗୁରୁବାର ରାତିରେ ନୟାହାଟ ଫାଣ୍ଡି ଅଧିକାରୀ ଶ୍ରୀଧର ମଲ୍ଲିକ ଚଢ଼ଉ କରିଥିଲେ। ମାତ୍ର ଯୁବକ ଜଣକ ଫେରାର ହୋଇଯାଇଥିଲେ। ସଂପୃକ୍ତ ଯୁବକଙ୍କୁ ଧରିବା ପାଇଁ ପୁଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରିରହିଛି।

## ସାତଗଡ଼ କାଳନ୍ଦୀକୂଳ ବାସୁଦେବ ମେଳଣ



**ଚାରିଛକ,୨୭।୩(ସମିସ):** ସାତଗଡ଼ କାଳନ୍ଦୀକୂଳ ବାସୁଦେବ ଭାଗବତ ଠାକୁରଙ୍କ ମେଳଣ ଚାରିଛକ ନିକଟସ୍ଥ ତୁଳସୀପୁର ମେଳଣ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ପ୍ରାଚୀ ଉପତ୍ୟକାର ବନମାଳୀପୁରଠାରେ ପୂଜା ପାଉଥିବା ଭାଗବତଗାଦି ଠାକୁରଙ୍କୁ ସାତଗଡ଼ କାଳନ୍ଦୀ କୂଳର ଶ୍ରଦ୍ଧାଳୁମାନେ ସୁସଜ୍ଜିତ ବିମାନରେ ବସାଇ ଗଜାବର, ତଇଲା, ପିତାପଡ଼ା, ମୋଟିଆଁ, ଭଇଁଚି ଗୋରଡ଼ି, ନୂଆ ଗାଁ, ତୁଳସୀପୁର, ଛଣିଜଙ୍ଗ, ଆଇଁଶିମୂଳ, ଦଣ୍ଡିକିରା, ଚିତଉଢିପ ଆଦି ପରିକ୍ରମା କରି ଭୋଗଲାଗି ହେବା ପରେ ସୁଧବାରିମୂଳରେ ପହଞ୍ଚିଥିଲେ। ସେଠାରୁ ଭୋଗ ଲାଗି ହେବା ପରେ ଏକ ବିରାଟ ପଟୁଆରରେ ଘଣ୍ଟ, ଘଣ୍ଟା, ଶଙ୍ଖ, ମାଦଳ ବଜାଇ ଆତସବାଜି ଫୁଟାଇ ଏକ ଶୋଭାଯାତ୍ରାରେ ଆସି ତୁଳସୀପୁରସ୍ଥିତ ମେଳଣ ପଡ଼ିଆରେ ପହଞ୍ଚିବା ପରେ ବିମାନକୁ ମଣ୍ଡପ ଉପରେ ବିରାଜମାନ କରାଯାଇଥିଲା। ଆସନ୍ତାକାଲି ବିଭିନ୍ନ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ସହିତ ଆତସବାଜି ପ୍ରତିଯୋଗିତା ହେବ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି। ଏହି ମେଳଣ ଦେଖିବାକୁ ଆଖ ପାଖ ଅଞ୍ଚଳର ଲୋକମାନଙ୍କ ଭିଡ଼ ଜମିଥାଏ।

## ଯକ୍ଷ୍ମା ମୁକ୍ତ ପାଇଁ ୨ ପଞ୍ଚାୟତକୁ ରୌପ୍ୟ ପଦକ



**ଗମ୍ଭାରୀପଦା,୨୭।୩(ସମିସ):** କାକଟପୁର ବ୍ଲକ୍‌ର ୧୬ଟି ପଞ୍ଚାୟତ ମଧ୍ୟରୁ କାକଟପୁର ଓ କାଦୁଆ ନୂଆଗାଁ ଗ୍ରାମପଞ୍ଚାୟତ ଦୁଇଟିକୁ ଯକ୍ଷ୍ମା ମୁକ୍ତ ପଞ୍ଚାୟତ ଭାବେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଘୋଷଣା କରାଯାଇଛି। ଏହି ଅବସରରେ ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟରେ ଏକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ କାକଟପୁର ଗ୍ରାମପଞ୍ଚାୟତ ସରପଞ୍ଚ ଅଭୟ କୁମାର ସେଠୀଙ୍କୁ ରୌପ୍ୟ ପଦକ, ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିଲା। ସରପଞ୍ଚ ଶ୍ରୀ ସେଠୀ ଏହି ଗୌରବ ପଞ୍ଚାୟତର ସମସ୍ତ ଲୋକ ପ୍ରତିନିଧି ଓ ଜନସାଧାରଣଙ୍କ ଯୋଗୁଁ ସମ୍ଭବ ହୋଇଛି ବୋଲି କହିଛନ୍ତି।

# ଗୋପରେ ୬.୮୬ କୋଟିର ୧୧୨ ପ୍ରକଳ୍ପ ଶିଳାନ୍ୟାସ

ଗୋପ,୨୭।୩(ସମିସ)

ପୁରୀ ଜିଲ୍ଲା ଅନ୍ତର୍ଗତ ଗୋପରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ୬.୮୬ କୋଟି ଟଙ୍କାର ୧୧୨ଟି ପ୍ରକଳ୍ପ ଶିଳାନ୍ୟାସ କରିଛନ୍ତି। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ଗୋପ ବିକାଶର ଶିଖରରେ ପହଞ୍ଚିବ ବୋଲି କହିଥିଲେ। ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନା, ବିକଶିତ ଗାଁ ଓ ବିକଶିତ ଓଡ଼ିଶା ଏବଂ ବିଧାୟକ ପାଣ୍ଠିରୁ ଗୋପ ବ୍ଲକ୍‌ର ବିଭିନ୍ନ ପଞ୍ଚାୟତରେ ହେବାକୁ ଥିବା ୧୧୨ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ ଉପ-ମୁଖ୍ୟମନ୍ତ୍ରୀ। ଏହି ପ୍ରକଳ୍ପ ଲାଗି ୬ କୋଟି ୮୬ ଲକ୍ଷ ୪୫୬ ଟଙ୍କା




ଖର୍ଚ୍ଚ ହେବ ବୋଲି ସୂଚନା ଦିଆଯାଇଥିଲା। ଏହି ପ୍ରକଳ୍ପ ମଧ୍ୟରେ ବିଭିନ୍ନ ପଞ୍ଚାୟତର ଖେଳପଡ଼ିଆ, ଭୋଗ ମଣ୍ଡପ, ମିଶନ ଶକ୍ତି ଗୃହ, ଅଙ୍ଗନବାଡ଼ି କେନ୍ଦ୍ର, ଯଜ୍ଞ ମଣ୍ଡପ, ରୋଷ ଘର ନିର୍ମାଣ, କଂକ୍ରିଟ ରାସ୍ତା ସମେତ ବିଭିନ୍ନ ଉନ୍ନୟନ ପ୍ରକଳ୍ପ ନୂତନ ଭାବେ ତିଆରି ହେବ ବୋଲି ମତବ୍ୟକ୍ତ କରିଥିଲେ।

### ବିଳମ୍ବରେ ଆସିଲେ ଉପମୁଖ୍ୟମନ୍ତ୍ରୀ; ତାତିଲେ ମହିଳା

ଏହି କାର୍ଯ୍ୟକ୍ରମରେ ଗୋପ ବିଡିଓ ସୂର୍ଯ୍ୟ ଶଙ୍କର ଦାଶ, ଉପାଧ୍ୟକ୍ଷ ବନରଞ୍ଜନ ପଟ୍ଟନାୟକ, ଜିଲ୍ଲା ପରିଷଦ ସଭ୍ୟ ପ୍ରମୋଦ ରାୟ, ସାଂସଦଙ୍କ ପ୍ରତିନିଧି ସୁଶାନ୍ତ କୁମାର ସ୍ୱାଇଁ, ମହିଳା ସଭାନେତ୍ରୀ ମିନାକ୍ଷୀ ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ। ତେବେ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଏହି ଶିଳାନ୍ୟାସ କାର୍ଯ୍ୟକ୍ରମକୁ ମିଶନ ଶକ୍ତି ପକ୍ଷରୁ ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କୁ ଦିନ ୧୧ ଟାରେ ଆସିବା ଲାଗି ସୂଚନା ଦିଆଯାଇଥିବାବେଳେ ନିଜେ ଉପମୁଖ୍ୟମନ୍ତ୍ରୀ ଦିନ ୨ଟା ପରେ ପହଞ୍ଚିଥିଲେ। ଏହାକୁ ନେଇ ମହିଳାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଥିବାବେଳେ ମହିଳାମାନଙ୍କ ପାଇଁ ହୋଇଥିବା ଖାଦ୍ୟ ପାନୀୟ ପରିଚାଳନାରେ ବ୍ୟାପକ ଅବ୍ୟବସ୍ଥା ଦେଖାଦେଇଥିଲା। ଯାହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା।

# ଦ୍ୱିତୀୟ ଅଯୋଧ୍ୟାରେ 'ମର୍ଯ୍ୟାଦା' ମହୋତ୍ସବ ଉଦ୍‌ଯାପିତ



ଭାପୁର,୨୭ ।୩(ସମିସ)

ଦ୍ୱିତୀୟ ଅଯୋଧ୍ୟା ଫତେଗଡ଼ ଶ୍ରୀରାମ ମନ୍ଦିର ପରିସରରେ ୯ ଦିନ ଧରି ଚାଲିଥିବା 'ମର୍ଯ୍ୟାଦା' ମହୋତ୍ସବ ରାମନବମୀରେ ଉଦଯାପିତ ହୋଇଛି । ଏ ଉପଲକ୍ଷେ ଚାଲିଥିବା ରାମଚରିତ ନବାହ୍ନ ପାରାୟଣ ସମାପ୍ତ ହୋଇଛି । ପ୍ରବଚକ ନାରାୟଣ ପଣ୍ଡା ଶ୍ରୀରାମଙ୍କ ରାଜ୍ୟାଭିଷେକ ଓ କାକ ଭୂଷଣ୍ଡି ସମ୍ବାଦ ପରିବେଷଣ କରିଥିଲେ । ରାମନବମୀରେ ପ୍ରଭୁଙ୍କ ଦର୍ଶନ ପାଇଁ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲା । ଶାନ୍ତିଶୃଙ୍ଖଳାରେ କାର୍ଯ୍ୟକ୍ରମ ଆୟୋଜନ ପାଇଁ ଫତେଗଡ଼ ଥାନା ଅଧିକାରୀ କଜୟ ସାହୁଙ୍କ ନେତୃତ୍ୱରେ ୫ ପ୍ଲାଟୁନ ଫୋର୍ସ ମୁତୟନ ହୋଇଥିଲେ । ଦମକଳ କେନ୍ଦ୍ର ଅଧିକାରୀ ନୀଳକଣ୍ଠ ମହାନ୍ତି ଗୋଟିଏ ପ୍ଲାଟୁନ କର୍ମଚାରୀଙ୍କ ସହ ସଜାଗ ରହିଥିଲେ । କଟକର ଅନେକ ସ୍ୱେଚ୍ଛାସେବୀ ଯୁବକ ଯୁବତୀ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ପ୍ରଶଂସନୀୟ କାର୍ଯ୍ୟ କରିଥିଲେ । ଜଗା ଚାକର ସଂଘ ଭଳି କେତେକ ଅନୁଷ୍ଠାନ ପକ୍ଷରୁ ଭକ୍ତଙ୍କୁ ଟଙ୍କତୋରାଣି ଓ ପାନୀୟ ଜଳ ଯୋଗାଇ ଦିଆଯାଇଥିଲା । ମନ୍ଦିର ପରିଚାଳନା କମିଟି ତରଫରୁ ୫୦ ହଜାର ଭକ୍ତଙ୍କ ପାଇଁ ମାଗଣା ଖାଦ୍ୟ ବଣ୍ଟନ କରାଯାଇଥିଲା । ମହୋତ୍ସବ ପଡ଼ିଆରେ ମୀନାବଜାର ଓ ଯାତ୍ରା ବେଶ୍

## ଲକ୍ଷାଧିକ ଭକ୍ତଙ୍କ ସମାଗମ



ଆକର୍ଷଣୀୟ ହୋଇଥିଲା । ଅନେକ ଭକ୍ତ କିଣାକିଣି କରିବା ସହ ପିଲାମାନେ ବିଭିନ୍ନ ଦୋଳିର ମଜା ନେଇଥିଲେ । ଶ୍ରୀରାମଙ୍କ ଦର୍ଶନ ନିମନ୍ତେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲା । ମନ୍ଦିର କମିଟି ପକ୍ଷରୁ ମର୍ଯ୍ୟାଦା ପୁସ୍ତକ ଉନ୍ମୋଚିତ ହୋଇଥିଲା । ଅବସରପ୍ରାପ୍ତ ଅଧ୍ୟାପକ ଡ. ପବିତ୍ର ସୁବୁଦ୍ଧି, ଶିକ୍ଷାବିତ୍ ପ୍ରଫୁଲ୍ଲ କୁମାର ମହାନ୍ତି, ମନ୍ଦିର ପରିଚାଳନା କମିଟି ସଭାପତି ବେଣୁଧର ପ୍ରଧାନ, ସାହିତ୍ୟିକ ଦାଶ ବେନହୁର, ସଂଯୋଜକ ଅଂଶୁମାନ ରଥ, କଣ୍ଠଶିଳ୍ପୀ ଦୁଃଖିଶ୍ୟାମ ତ୍ରିପାଠୀ ପ୍ରମୁଖ ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ।

## ଭଜନ ସମାରୋହରେ ଝୁମିଲେ ଭକ୍ତ

ଫତେଗଡ଼ ଶ୍ରୀରାମ ମନ୍ଦିରରେ ପବିତ୍ର ରାମନବମୀ ଉପଲକ୍ଷେ ଓଡ଼ିଶାର ଲବ୍ଧ ପ୍ରତିଷ୍ଠିତ କଳାକାରଙ୍କୁ ନେଇ ଭଜନ ସମାରୋହ ଅନୁଷ୍ଠିତ ହୋଇଛି । ଅପରାହ୍ନ ୫ଟାରୁ ଭଜନ ସନ୍ଧ୍ୟା ଆରମ୍ଭ ହୋଇଥିଲା । କାର୍ଯ୍ୟକ୍ରମରେ ଦୁଃଖିଶ୍ୟାମ ତ୍ରିପାଠୀ, ଅଞ୍ଜଳି ମିଶ୍ର, ରବୀନ୍ଦ୍ର ମହାପାତ୍ର, ଶଶାଙ୍କ ଶେଖର, ସତ୍ୟଜିତ ପ୍ରଧାନ, ମାନସୀ ପାତ୍ର, ପ୍ରଜ୍ଞା ହୋତା, ଯୁଧିଷ୍ଠିର ଖୁଣ୍ଟିଆ ପ୍ରମୁଖ କଳାକାର ଭଜନ ପରିବେଷଣ କରିଥିଲେ । ମୃତ୍ୟୁଞ୍ଜୟ ରଥ, ଗଣେଶ ମହାପାତ୍ର ଓ ଅଂଶୁମାନ ଜେନା ମଞ୍ଚ ପରିଚାଳନା କରିଥିଲେ ।

## ଜଗା ଚାକର ସଂଘ ପକ୍ଷରୁ ଟଙ୍କତୋରାଣି ବଣ୍ଟନ

ଫତେଗଡ଼ ରାମ ମନ୍ଦିରରେ ଶ୍ରୀରାମ ନବମୀ ଅବସରରେ ଶୁକ୍ରବାର ରାଜ୍ୟର ଅଗ୍ରଣୀ ସ୍ୱେଚ୍ଛାସେବୀ ଓ ଆଧ୍ୟାତ୍ମିକ ଅନୁଷ୍ଠାନ "ଜଗା ଚାକର ସଂଘ' କର୍ମକର୍ତ୍ତାଙ୍କ ଦ୍ୱାରା ହଜାର ହଜାର ଶ୍ରଦ୍ଧାଳୁଙ୍କୁ ଟଙ୍କତୋରାଣି, ନିର୍ମାଲ୍ୟ, ଭାଗବତ ଗୀତା ଓ ଜଗା ଚାକର ସଂଘ ପତ୍ରିକା ବଣ୍ଟନ କରାଯାଇଛି । ଖରାରେ ଆସିଥିବା ଶ୍ରଦ୍ଧାଳୁମାନେ ଟଙ୍କ ତୋରାଣି ପାନ କରି ଆନନ୍ଦିତ ହୋଇଥିଲେ । ପ୍ରବଳ ଗୁଳୁଗୁଳି ଯୋଗୁଁ ଅସ୍ତବ୍ୟସ୍ତ ହେଉଥିବା ଶ୍ରଦ୍ଧାଳୁଙ୍କ ଉପରେ ଅନୁଷ୍ଠାନ କର୍ମକର୍ତ୍ତା ପାଣି ସିଞ୍ଚନ କରିଥିଲେ । ଜଗା ଚାକର ସଂଘ ନୟାଗଡ଼ ଜିଲ୍ଲା ଶାଖା ପକ୍ଷରୁ ଏହି ସେବା କାର୍ଯ୍ୟରେ ଶ୍ରୀରାମ ପରିଷଦର ସଭାପତି ସମାଜସେବୀ ବେଣୁଧର ପ୍ରଧାନ ଯୋଗଦେଇଥିଲେ । ସଂଘର ବରିଷ୍ଠ ଉପଦେଷ୍ଟା ମନୋଜ କୁମାର ମହାପାତ୍ର, ବସନ୍ତ କୁମାର ସାହୁ, ରମେଶ କୁମାର ଦଳେଇ, ଧର୍ମାନନ୍ଦ ସାହୁ, ଜନ୍ମେଜୟ ଦଳେଇ, ମିନତି ପୂଜାରୀଙ୍କ ସମେତ ବହୁ ବ୍ୟକ୍ତି ସେବାକାର୍ଯ୍ୟରେ ଅଂଶଗ୍ରହଣ କରିଥିଲେ ।

## ରାମନବମୀ ଧୁମଧାମରେ ପାଳିତ



ଗଣିଆ,୨୭ ।୩(ସମିସ): ସ୍ଥାନୀୟ ରଘୁନାଥଜୀଉ ମନ୍ଦିର ପରିସରରେ ରାମନବମୀ ଧୁମଧାମରେ ପାଳିତ ହୋଇଛି । ଅଞ୍ଚଳର ଶହ ଶହ ମହିଳା ଏବଂ ପୁରୁଷ ମନ୍ଦିର ପରିସରରେ ଉପସ୍ଥିତ ରହି ବିଭୁକୃପା ଲାଭ କରିଥିଲେ । ସୁସଜ୍ଜିତ ବିମାନରେ ପ୍ରଭୁଙ୍କୁ ବେଢ଼ା ପରିକ୍ରମା କରାଯାଇଥିଲା । ଶ୍ରୀରାମ ଜନ୍ମ ପୁରାଣ ପାଠ କରି ଲଙ୍କାପୋଡ଼ି ଯାତ୍ରାର ଶୁଭାରମ୍ଭ ହୋଇଥିଲା । ସହସ୍ରାଧିକ ଭକ୍ତ ମନ୍ଦିରରେ ସମୂହ ଉପବାସ କରିଥିଲେ । ୫୦ରୁ ଅଧିକ କଳାକାର ନିଷ୍ଠାର ସହ ବ୍ରତ ଧାରଣ କରିଥିବା ବେଳେ ଗୃହତ୍ୟାଗ କରି ହବିଷ ପାଳନ କରିଛନ୍ତି । ରାତିରେ ଅଞ୍ଚଳର କଳାକାରମାନଙ୍କୁ ନେଇ ରାମ ନାଟକ ଶ୍ରୀରାମ ଜନ୍ମ ଏବଂ ତାଡକା ବଧ ମଞ୍ଚସ୍ଥ ହେବ ବୋଲି ଜଣାପଡିଛି । ସୂଚନାଯୋଗ୍ୟ ଯେ ୫୪ ବର୍ଷ ଧରି ଗଣିଆରେ ଏହି ଲଙ୍କା ପୋଡ଼ି ଯାତ୍ରା ଧୁମଧାମରେ ପାଳିତ ହୋଇଆସୁଛି । ଚଳିତବର୍ଷ ଏହି ଲଙ୍କା ପୋଡ଼ି ଯାତ୍ରା ବା ମୁଖ୍ୟ ଉତ୍ସବ ରାବଣବଧ ଆସନ୍ତା ୨୧ ତାରିଖରେ ହେବ ବୋଲି ଜଣାପଡିଛି । ଏହି କାର୍ଯ୍ୟକ୍ରମରେ ନାଟ୍ୟ ଗୁରୁ ଦ୍ୱିତୀକୃଷ୍ଣ ସାହୁ, ପୁରାଣ ଆଚାର୍ଯ୍ୟ ସାନୁଜ ରାମ ମିଶ୍ର, ଆନନ୍ଦ ଚନ୍ଦ୍ର ବେହେରା, ଖଗେଶ୍ୱର ବେହେରା, ଜଗନ୍ନାଥ ଦାଶ, ଉଦ୍ୟନାଥ ଦାଶ, ପ୍ରଭାତ କୁମାର ଦାଶ ପ୍ରମୁଖ ପରିଚାଳନା କରିଥିଲେ । ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ପୂର୍ବତନ ବ୍ଲକ ଅଧକ୍ଷ ଶେଷଦେବ ସ୍ୱାଇଁ, ବିଜେପି ମଣ୍ଡଳ ସଭାପତି ମହାବୀର ପ୍ରସାଦ ମିଶ୍ର, ଗଣିଆ ସରପଞ୍ଚ ଗିରିଧାରୀ ସେଠୀ, ସମିତି ସଭ୍ୟ ଫକୀର ମୋହନ ଡାକୁଆଙ୍କ ସମେତ ବହୁ ଜନପ୍ରତିନିଧି ତଥା ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ବିଭୁକୃପା ଲାଭ କରିଥିଲେ ।

## ବିଶାଳ ବାଇକ୍ ଶୋଭାଯାତ୍ରା

ଗଣିଆ,୨୭ ।୩(ସମିସ): ଶ୍ରୀରାମନବମୀ ଅବସରରେ ଗଣିଆ ରଘୁନାଥଜୀଉ ମନ୍ଦିର ରାମଲୀଳା ପରିଷଦ ଓ ବଜରଙ୍ଗୀ ସେନା ତରଫରୁ ଶୁକ୍ରବାର ବିଶାଳ ବାଇକ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି । ପ୍ରଭୁଙ୍କ ନିକଟରେ ପୂଜାର୍ଚ୍ଚନା ପରେ ମନ୍ଦିରଠାରୁ ଶୋଭାଯାତ୍ରା ବାହାରି ପାଟଣାସାହି ଦେଇ ବିଜୟନଗର, ବେଲପଡ଼ା, ଗଣିଆ ବଜାର, ପତଣ୍ଡା, ପୂର୍ଣ୍ଣଚନ୍ଦ୍ରପୁର, କିଶୋରପ୍ରସାଦ ଆଦି ଗ୍ରାମ ପରିକ୍ରମା କରିଥିଲା । ଚଉବଙ୍ଗ ଛକରେ ଥିବା ହନୁମାନଙ୍କ ମନ୍ଦିର ଏବଂ କିଶୋରପ୍ରସାଦସ୍ଥିତ ବିଶାଳ ହନୁମାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । କାର୍ଯ୍ୟକ୍ରମରେ ପ୍ରାୟ ୧୫୦ରୁ ଅଧିକ ଯୁବଗୋଷ୍ଠୀ ସାମିଲ ହୋଇଥିଲେ । ସେହିପରି ଗଣିଆ ମହାନଦୀ ପବ୍ଲିକ ସ୍କୁଲ ଛାତ୍ରଛାତ୍ରୀମାନେ ନିଜକୁ ରାମ, ଲକ୍ଷ୍ମଣ, ହନୁମାନ ଆଦି ବେଶରେ ସଜାଇ ସୁସଜ୍ଜିତ ରଥରେ ବ୍ଲକର ବିଭିନ୍ନ ପଞ୍ଚାୟତରେ ଥିବା ଗ୍ରାମ ପରିକ୍ରମା କରିଥିଲେ ।

## ବୃଦ୍ଧାଙ୍କ ବେକରୁ ଛିଣ୍ଡାଇନେଲେ ସୁନା ମାଳି

ଓଡ଼ଗାଁ,୨୭ ।୩(ସମିସ): ଓଡ଼ଗାଁ ଥାନା ନନ୍ଦିଘୋର ପାଣିଖିଆ ସାହିର ଜଣେ ବୃଦ୍ଧାଙ୍କ ବେକରୁ ୩ ଦୁର୍ବୃତ୍ତ ସୁନା ମାଳି ଛିଣ୍ଡାଇ ନେଇଥିବା ଥାନାରେ ଅଭିଯୋଗ ହୋଇଛି । ବୃଦ୍ଧା ଜଣକ ହେଲେ ସ୍ୱର୍ଗତ ହଜାରୀ ବେହେରାଙ୍କ ସ୍ତ୍ରୀ ଅଇଁଠା ବେହେରା । ଗତ ୨୫ ତାରିଖ ରାତି ସାଢ଼େ ୯ଟାରେ ଅଇଁଠା ଦାଣ୍ଡକୁ ଆସିଥିବା ବେଳେ ଦୁର୍ବୃତ୍ତମାନେ ହଠାତ୍ ପଛପଟୁ ଆସି ଗାମୁଛାରେ ତାଙ୍କ ଆଖି, ନାକ, ପାଟି ବାନ୍ଧିଦେଇଥିଲେ । ପରେ ସୁନା ମାଳି ଛିଣ୍ଡାଇ ଫେରାର ହୋଇଯାଇଲେ । ଚୋରି ସୁନା ମାଳିର ଓଜନ ୩ ଭରି ହେବ ବୋଲି କୁହାଯାଇଛି । ବର୍ତ୍ତମାନ ତା'ର ମୂଲ୍ୟ ୪ ଲକ୍ଷରୁ ଅଧିକ ଟଙ୍କା ହେବ । ଏ ନେଇ ପୁଲିସ ତଦନ୍ତ ଆରମ୍ଭ କରିଛି ।

## ରାମନବମୀ ପାଳିତ

କଣ୍ଟିଲୋ,୨୭ ।୩(ସମିସ): କଣ୍ଟିଲୋ ଓ ଆଖପାଖ ଗ୍ରାମଗୁଡ଼ିକରେ ଭକ୍ତିମୟ ପରିବେଶରେ ରାମନବମୀ ପାଳିତ ହୋଇଛି । ମାଧବ ଚୌଧୁରୀ ପାଟଣା, ବାପୁଜୀନଗରସ୍ଥିତ ରାମ ମନ୍ଦିରରେ ଦିନବ୍ୟାପୀ ହୋମଯଜ୍ଞ ଓ ଭଜନ କୀର୍ତ୍ତନ ହୋଇଥିଲା । ସାହି ସଭାପତି ପ୍ରସନ୍ନ କୁମାର ସାହୁ, ରାମଲୀଳା ନାଟ୍ୟ ପରିଷଦ ସଭାପତି ରମାକାନ୍ତ ସାହୁ, ଗାୟକ ଦିପୁରଞ୍ଜନ ସାହୁ, ବାୟକ ବାସୁ ଓ ତାପସ ସାହୁ ପ୍ରମୁଖ ସହଯୋଗ କରିଥିଲେ । ଏଥିସହ କୃଷ୍ଣେଶ୍ୱର ପାଟଣା ସମେତ ବଡ଼ବାଣପୁର ଜଗନ୍ନାଥ ମନ୍ଦିର, ରାମଚଣ୍ଡୀ ସାହି ଭାଗବତ ଗୃହରେ ରାମନବମୀ ପାଳନ ସହ ଆଜିଠାରୁ ରାମାୟଣ ପାଠ ଆରମ୍ଭ ହୋଇଛି । ପ୍ରଫୁଲ୍ଲ ପ୍ରଧାନ, ସୋମନାଥ ରଣା, ସୁବାସ ବେହୁରୁକ, ପବିତ୍ର ରଣା ପୁରାଣ ପାଠ କରିଥିଲେ । ସତ୍ୟବାଦୀ ବେହୁରୁକ, ଦୁର୍ଯ୍ୟୋଧନ ରାଉତ, ସତ୍ୟବାଦୀ ପ୍ରଧାନ ସହଯୋଗ କରିଥିଲେ ।

## ଜଗନ୍ନାଥ ମନ୍ଦିରର ବାର୍ଷିକୋତ୍ସବ

କଣ୍ଟିଲୋ,୨୭ ।୩(ସମିସ): ଖଣ୍ଡପଡ଼ା ବ୍ଲକ ବଡ଼ବାଣପୁର ଗ୍ରାମସ୍ଥିତ ଜଗନ୍ନାଥ ମନ୍ଦିରର ବାର୍ଷିକୋତ୍ସବ ପାଳିତ ହୋଇଛି । ୩ଦିନ ବ୍ୟାପୀ ମନ୍ଦିର ପରିସରରେ ବିଶ୍ୱଶାନ୍ତି ମହାଯଜ୍ଞ, ଅଷ୍ଟପ୍ରହର ନାମ ସଂକୀର୍ତ୍ତନ ଅନୁଷ୍ଠିତ ହେବାସହ ଗ୍ରାମ ଯୁବ କଳାକାରଙ୍କ ଦ୍ୱାରା ନାଟକ 'ବଦନାମ ଗଳିର ବାଦଶାହ' ମଞ୍ଚସ୍ଥ ହୋଇଥିଲା । ଯୁବ ନାଟ୍ୟ ନିର୍ଦ୍ଦେଶକ ସନ୍ତୋଷ ବାରିକଙ୍କ ନିର୍ଦ୍ଦେଶନାରେ ଦୁର୍ଗାମାଧବ, ପ୍ରଭାତ, ବିନାୟକ, ପ୍ରଦ୍ୟୁମ୍ନ (ଜିତୁ), ଅମର, ସୁବାସ ପ୍ରମୁଖଙ୍କ ସମେତ ମହିଳା କଳାକାରଙ୍କ ଚିତ୍ତାକର୍ଷକ ଅଭିନୟ ଦର୍ଶକଙ୍କୁ ବିମୁଗ୍ଧ କରିଥିଲା ।

### ● ଘୋଷଣା ହେଲା ରାଜ୍ୟର ୫ ଶବ ବ୍ୟବଚ୍ଛେଦ କେନ୍ଦ୍ର

## ଏଥର ବି ଭାପୁର ଉପେକ୍ଷିତ

ଭାପୁର,୨୭ ।୩(ସମିସ): ଦୀର୍ଘ ୨୦ ବର୍ଷ ହେଲା ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଶବ ବ୍ୟବଚ୍ଛେଦ କେନ୍ଦ୍ର ନିର୍ମାଣ କରିବାକୁ ଅଞ୍ଚଳବାସୀ ଦାବି କରି ଆସୁଛନ୍ତି । ହେଲେ ଅଧିକାରୀଙ୍କ ମାନସିକତା ଅଭାବ ତଥା ରାଜନୈତିକ ଅନାଗ୍ରହ ଏଥିରେ ବାଧକ ସାଜିଛି । ରାଜ୍ୟ ସରକାର ଦୁଇଦିନ ପୂର୍ବେ ରାଜ୍ୟର ୫ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶବ ବ୍ୟବଚ୍ଛେଦ କେନ୍ଦ୍ର ନିର୍ମାଣ ପାଇଁ ଘୋଷଣା କରିଥିଲେ ହେଁ ଏହି ତାଲିକାରେ ଭାପୁରର ନାଁ ନାହିଁ । ନୟାଗଡ଼ ଜିଲ୍ଲା ଭାପୁର ବ୍ଲକରେ ଜିଲ୍ଲାର ପ୍ରଥମ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାପନ ହୋଇଥିଲା । ଫତେଗଡ଼ ଥାନା ଅଧୀନରେ ଥିବା ଭାପୁର ବ୍ଲକର ୨୦ ପଞ୍ଚାୟତ ଓ ଖଣ୍ଡପଡ଼ା ବ୍ଲକର ୩ ପଞ୍ଚାୟତ ଅଞ୍ଚଳରେ କିଛି ଦୁର୍ଘଟଣା ଘଟିଲେ ଶବ ବ୍ୟବଚ୍ଛେଦ ପାଇଁ ଏଠାରୁ ୨୦ କିଲୋମିଟର ଦୂର ଖଣ୍ଡପଡ଼ା ଡାକ୍ତରଖାନା ଯିବାକୁ ପଡ଼ିଥାଏ । ଫଳରେ ଜନସାଧାରଣ ଓ ଫତେଗଡ଼ ପୁଲିସ ନାହିଁ ନ ଥିବା ହଇରାଣ ହୋଇଥାନ୍ତି । ଏ ପରିପ୍ରେକ୍ଷୀରେ ଭାପୁରରେ ଏକ ଶବ ବ୍ୟବଚ୍ଛେଦ ଗୃହ ନିର୍ମାଣ ପାଇଁ ଭାପୁର କ୍ରିୟାନୁଷ୍ଠାନ କମିଟି ଓ ଅଞ୍ଚଳବାସୀ ଦୀର୍ଘ ୨୦ ବର୍ଷ ହେଲା ବିଭିନ୍ନ ଫୋରମରେ ଦାବି କରି ଆସୁଛନ୍ତି । ମାତ୍ର ଏହାକୁ ସରକାର ଅଣ ଦେଖା କରି ଆସୁଛନ୍ତି । ଗତ ୨୫ ତାରିଖ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ କମିଶନର କମ୍ ସେକ୍ରେଟାରୀଙ୍କ ଚିଠି ନମ୍ବର ୯୨୩୨ରେ ନୟାଗଡ଼ ଜିଲ୍ଲା ଗଣିଆ, କଳାହାଣ୍ଡି ଜିଲ୍ଲା କଳମପୁର, କଟକ ଜିଲ୍ଲା ନରସିଂହପୁର, ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲ୍ଲୀ ଓ ଉଲୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶବ ବ୍ୟବଚ୍ଛେଦ କେନ୍ଦ୍ର ଖୋଲିବା ପାଇଁ ଘୋଷଣା କରିଛନ୍ତି । ତେବେ ଏଥିରେ ଭାପୁର ନାଁ ନ ଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଭାପୁରବାସୀଙ୍କୁ ବାରମ୍ବାର ଏପରି ଉପେକ୍ଷା କେତେବେଳେ ଯେ ବିସ୍ଫୋରକ ରୂପ ନେବ ତାହା ସମୟ ଓ ନିର୍ବାଚନ ଫଳାଫଳ କହିବ ବୋଲି ସାଧାରଣରେ ଆଲୋଚନା ହେଉଛି ।

## ଗଣିଆରେ ହେବ ଶବ ବ୍ୟବଚ୍ଛେଦ ଗୃହ ନିର୍ମାଣ

ଗଣିଆ,୨୭ ।୩(ସମିସ): ଦୀର୍ଘଦିନ ହେବ ଗଣିଆରେ ଶବ ବ୍ୟବଚ୍ଛେଦ ଗୃହ ନ ଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ । ଶବ ବ୍ୟବଚ୍ଛେଦ ପାଇଁ ଦଶପଲ୍ଲା ମେଡିକାଲ ଯିବାକୁ ପଡୁଥିଲା । ଏଥିପାଇଁ ଲୋକେ ଅଯଥା ଖର୍ଚ୍ଚାନ୍ତ ହେଉଥିଲେ । ଗରିବ ନିରୀହ ଜନସାଧାରଣଙ୍କୁ ସରକାର ହରିଶ୍ଚନ୍ଦ୍ର ଯୋଜନାରେ ସହାୟତା ଦେଉଥିବା ବେଳେ ତା'ଠାରୁ ଅଧିକ ଟଙ୍କା ବ୍ୟବଚ୍ଛେଦ ପାଇଁ ଖର୍ଚ୍ଚ ହେଉଥିଲା । ଏଠାରେ ଶବ ବ୍ୟବଚ୍ଛେଦ ଗୃହ ନିର୍ମାଣ ପାଇଁ ବାରମ୍ବାର ଦାବି ହେଉଥିଲା । ଗତ ୨୫ ତାରିଖ ରାଜ୍ୟ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ ତରଫରୁ ରାଜ୍ୟର ୫ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶବ ବ୍ୟବଚ୍ଛେଦ ଗୃହ ନିର୍ମାଣ ପାଇଁ ଘୋଷଣା କରାଯାଇଛି । ଏହି ୫ ସ୍ଥାନ ମଧ୍ୟରେ ଗଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ନାମ ସର୍ବାଗ୍ରେ ରହିଛି । ଫଳରେ ଅଞ୍ଚଳବାସୀଙ୍କ ଦୀର୍ଘଦିନର ଦାବି ପୂରଣ ହେବାକୁ ଯାଉଛି । ଶବ ବ୍ୟବଚ୍ଛେଦ ଗୃହ ବିଏସଏନଏଲ ଅଫିସ ପଛ ପାଶ୍ୱର୍ରେ ନିର୍ମାଣ ପାଇଁ ତହସିଲ ତରଫରୁ ଜାଗା ଚିହ୍ନଟ ହୋଇଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ମଧୁସୂଦନ ଦାସ ପ୍ରକାଶ କରିଛନ୍ତି । ଏଥିପାଇଁ ରାଜ୍ୟ ସରକାରଙ୍କୁ ଅଞ୍ଚଳବାସୀ ତଥା ଲୋକ ପ୍ରତିନିଧିଙ୍କ ତରଫରୁ କୃତଜ୍ଞତା ଜ୍ଞାପନ କରାଯାଇଛି ।

### ବଳଭଦ୍ରପୁରରେ ସଶସ୍ତ୍ର ଡକାୟତି

## ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଲୁଟ୍



ନୟାଗଡ଼,୨୭ ।୩(ସମିସ): ନୟାଗଡ଼ ସଦରଥାନା ବଳଭଦ୍ରପୁର ଗ୍ରାମର ବୈକୁଣ୍ଠ ସାହୁଙ୍କ ଘରୁ ଗୁରୁବାର ବିଳମ୍ବିତ ରାତିରେ ସଶସ୍ତ୍ର ଡକାୟତି ହୋଇଛି । ଗୁରୁବାର ବୈକୁଣ୍ଠଙ୍କ ଘରେ ତାଙ୍କ ପୁଅ ବସନ୍ତ ସାହୁ ଏବଂ ବୋହୂ ରହିଥିଲେ । ଅଭିଯୋଗ ଅନୁସାରେ, ବସନ୍ତ ଓ ତାଙ୍କ ସ୍ତ୍ରୀ ଶୋଇଥିବା ବେଳେ ରାତି ୧ଟା ବେଳେ ୪ରୁ ୫ ଜଣ ଦୁର୍ବୃତ୍ତ ବାରିପଟ କବାଟ ଭାଙ୍ଗି ଘରେ ପଶିଥିଲେ । ସେମାନଙ୍କୁ ଅଟକାଇବାକୁ ବସନ୍ତ ଓ ତାଙ୍କ ପତ୍ନୀ ଚେଷ୍ଟା କରିବା ବେଳେ ଦୁର୍ବୃତ୍ତମାନେ ତାଙ୍କୁ ଆକ୍ରମଣ କରିଥିଲେ । ଏଥିରେ ଉଭୟ ଆହତ ହୋଇଛନ୍ତି । ବନ୍ଧୁକ, ଭୁଜାଲି ଧରି ଡକାୟତମାନେ ଘରେ ପଶିବା ପରେ ଦୁହିଁଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇ ଭୟଭୀତ କରିଥିଲେ । ବାଧ୍ୟ ହୋଇ ବସନ୍ତଙ୍କ ସ୍ତ୍ରୀ ସୁନା ଅଳଙ୍କାର ଆଲମିରାରେ ଥିବା ସୂଚନା ଦେବା ପରେ ଡକାୟତମାନେ ଆଲମିରା ଖୋଲିଥିଲେ । ସେଥିରେ ଥିବା ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର, ୭୬ ହଜାର ଟଙ୍କା ଓ କିଛି ଜରୁରୀ କାଗଜପତ୍ର ଲୁଟି ନେଇଥିଲେ । ଏହା ସହିତ ଘରୁ ୨ଟି ମୋବାଇଲ ମଧ୍ୟ ନେଇଯାଇଥିଲେ । ଡକାୟତମାନେ ଯିବା ପରେ ବସନ୍ତ ସ୍ଥାନୀୟ ଲୋକଙ୍କ ଜରିଆରେ ପୁଲିସକୁ ଖବର ଦେଇଥିଲେ । ପରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପୁଲିସ ସାଇଣ୍ଟିଫିକ୍ ଟିମ୍ ଏବଂ ଡଗ ସ୍କ୍ୱାଡ୍ ଜରିଆରେ ତଦନ୍ତ ଆରମ୍ଭ କରିଛି । ମୋବାଇଲ ଦୁଇଟି ବସନ୍ତଙ୍କ ଘର ପଛପଟୁ ଉଦ୍ଧାର କରାଯାଇଛି । ଏ ନେଇ ପୁଲିସ ଏକ ମାମଲା ରୁଜୁ କରିଛି । ଡକାୟତମାନେ ହିନ୍ଦୀରେ କଥାବାର୍ତ୍ତା ହେଉଥିବା ନେଇ ବସନ୍ତ ଏତଲାରେ ଉଲ୍ଲେଖ କରିଛନ୍ତି । ନୟାଗଡ଼ ଜିଲ୍ଲାରେ ବାରମ୍ବାର ଏଭଳି ଡକାୟତି ଘଟଣା ଘଟୁଥିବା ବେଳେ ପୁଲିସ କୌଣସି ପଦକ୍ଷେପ ନେଉ ନ ଥିବା ଅଭିଯୋଗ ହେଉଛି । ନିକଟରେ ସଦରଥାନା ଅନ୍ତର୍ଗତ ଯଦୁପୁର ଗ୍ରାମରୁ ଚୋରି, ଟାଉନଥାନ ନବଘନପୁର ଗ୍ରାମରୁ ଚୋରି ଘଟଣାରେ ପୁଲିସ ଆଜିପର୍ଯ୍ୟନ୍ତ କୌଣସି ପଦକ୍ଷେପ ନେଇପାରି ନାହିଁ ।

**ଆକ୍ରମଣରେ ପରିବାରର ୨ ଆହତ**

**ଡଗ୍‌ସ୍କ୍ୱାଡ୍ ଦ୍ୱାରା ପୁଲିସର ଛାନଭିନ୍**

**ହିନ୍ଦୀରେ କଥା ହେଉଥିଲେ ଦୁର୍ବୃତ୍ତ**

**ବାରିପଟୁ ୨ ମୋବାଇଲ ଉଦ୍ଧାର**

## ଶୀତଳଭଣ୍ଡାର ପ୍ରତିଷ୍ଠା ଦାବି

କଣ୍ଟିଲୋ,୨୭ ।୩(ସମିସ): ଶିଳ୍ପବିହୀନ ଖଣ୍ଡପଡ଼ା ଅଞ୍ଚଳର ଆର୍ଥିକ ବିକାଶ ମୁଖ୍ୟତଃ କୃଷି ଉପରେ ନିର୍ଭରଶୀଳ । ବର୍ଷର ବିଭିନ୍ନ ସମୟରେ ଏଠି ପନିପରିବା ଉତ୍ପାଦନ ହୋଇଥାଏ । କଣ୍ଟିଲୋ ଓ ଆଖପାଖ ବଡ଼ବାଣପୁର, କୁମୁଣ୍ଡି, ଧନଚାଙ୍ଗଡ଼ା, ସିଧାମୁଳା ଅଞ୍ଚଳରେ ଜିଆଇ ଟ୍ୟାଗ ମାନ୍ୟତାପ୍ରାପ୍ତ କଣ୍ଟେଇମୁଣ୍ଡି ବାଇଗଣ ବହୁଳ ଚାଷ କରାଯାଇଥାଏ । ଏଥିସହ କାକୁଡ଼ି, ଜହ୍ନି, ସାରୁ, ଘଣାଶାଳିଆ, ବାଣପୁର ଆଦି ଅଞ୍ଚଳରେ ମିଠା ମକା, ପତୁରିଆରେ କୋବି, ଗୋପୀନାଥପୁରର ଭେଣ୍ଡି ଆଦି ପନିପରିବାର ସ୍ୱତନ୍ତ୍ରତା ରହିଛି । ସେଗୁଡ଼ିକ ସମ୍ପୃକ୍ତ ଅଞ୍ଚଳରେ ବହୁଳ ଭାବେ ଉତ୍ପାଦନ ହୋଇଥାଏ । ତେବେ ଏହି ପନିପରିବା ବଜାରରେ ହଠାତ ଉପଲବ୍ଧ ହୋଇ କିଛିଦିନ ପରେ ଆଉ ମିଳି ନ ଥାଏ । କିଛିଦିନ ତଳେ ପର୍ଯ୍ୟାପ୍ତ ଭାବେ ମିଳୁଥିବା କଣ୍ଟେଇମୁଣ୍ଡି ବାଇଗଣ ଓ ମିଠାମକା ବର୍ତ୍ତମାନ କମ୍ ଉପଲବ୍ଧ ହେଉଛି । ଅଧିକ ଉତ୍ପାଦନ ସମୟରେ ପନିପରିବା ସଂରକ୍ଷଣ ପାଇଁ ଅଞ୍ଚଳରେ କୌଣସି ସୁବିଧା ନ ଥିବାରୁ ଚାଷୀମାନେ ବାଧ୍ୟ ହୋଇ କମ୍ ଦରରେ ଏହାକୁ ବିକ୍ରି କରି ଅଭାବୀ ବିକ୍ରିର ଶିକାର ହେଉଛନ୍ତି । ଖଣ୍ଡପଡ଼ା ଅଞ୍ଚଳରେ ଶୀତଳଭଣ୍ଡାର ପ୍ରତିଷ୍ଠା ନିମନ୍ତେ ଦାବି ହେଉଥିଲେ ମଧ୍ୟ ଏପର୍ଯ୍ୟନ୍ତ ପଦକ୍ଷେପ ନିଆଯାଇନାହିଁ । ଆବଶ୍ୟକତା ଦୃଷ୍ଟିରୁ କଣ୍ଟିଲୋ ବା ନିକଟସ୍ଥ ଅଞ୍ଚଳରେ ଏକ ଶୀତଳଭଣ୍ଡାର ପ୍ରତିଷ୍ଠା କରାଗଲେ ଚାଷୀମାନେ ଉପକୃତ ହୋଇପାରନ୍ତେ ବୋଲି ଅଞ୍ଚଳର ଚାଷୀ ଦାବି କରିଛନ୍ତି ।

### ଶ୍ରୀରାମ ଜନ୍ମନୀତି ପାଳିତ

## ୨୨୪ତମ ଲଙ୍କାପୋଡ଼ି ଯାତ୍ରା ଶୁଭାରମ୍ଭ



ଦଶପଲ୍ଲା,୨୭ ।୩(ସମିସ): ମହାବୀର କ୍ଷେତ୍ର ଦଶପଲ୍ଲାର ଆରାଧ୍ୟ ଶ୍ରୀ ଶ୍ରୀ ରଘୁନାଥଜୀଉଙ୍କ ପୀଠରେ ଶୁକ୍ରବାର ମନ୍ଦିର ସଂଲଗ୍ନ ଜନ୍ମବେଦିରେ ଶ୍ରୀରାମ ଜନ୍ମନୀତି ପାଳିତ ହୋଇଛି । ହରିବୋଲ, ହୁଳହୁଳି, ଘଣ୍ଟନାଦ, ମନ୍ତ୍ରପାଠ ମଧ୍ୟରେ ରୀତିନୀତି ଅନୁଯାୟୀ ଚୈତ୍ର ଶୁକ୍ଳ ନବମୀ ତିଥିରେ ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମଙ୍କ ଜନ୍ମ ଉତ୍ସବ ଅନୁଷ୍ଠିତ ହୋଇଛି । ହଜାର ହଜାର ଶ୍ରଦ୍ଧାଳୁ, ମାନସିକଧାରୀ ଏହି ମାହେନ୍ଦ୍ର ବେଳାକୁ ଅପେକ୍ଷା କରି ରହିଥିଲେ । ମନ୍ଦିର ମୁଖ୍ୟ ପୂଜକ ରାଜେଶ ମିଶ୍ର, ସିଲୁ ପାଣିଗ୍ରାହୀ, ବିଜୟ ଶାସନୀ, ଶୁଭଙ୍କର ପ୍ରସାଦ ଦାସ, ଲିଙ୍ଗରାଜ ଦାସ ପ୍ରମୁଖ ସୂର୍ଯ୍ୟାଗ୍ନି ସଂଗୃହୀତ ହୋମ ଯଜ୍ଞ ସମ୍ପାଦନ କରିଥିଲେ । କମିଟି ସମ୍ପାଦକ ସୂର୍ଯ୍ୟମଣି ଦାସଙ୍କ ପୌରୋହିତ୍ୟରେ ସ୍ଥାପିତ ଅଖଣ୍ଡ ଦୀପ ଯାତ୍ରା ଶେଷ ପର୍ଯ୍ୟନ୍ତ ପ୍ରଜ୍ୱଳନ ନିମନ୍ତେ ସଂସ୍ଥାପନ କରାଯାଇଛି । ପରେ ଜନ୍ମ ମଣ୍ଡପରେ ପ୍ରଭୁ ଶ୍ରୀରାମଙ୍କ ସହ ଅନୁଜ ଲକ୍ଷ୍ମଣ, ଭରତ ଓ ଶତ୍ରୁଘ୍ନଙ୍କ ଜନ୍ମନୀତି ଅନୁଷ୍ଠିତ ହୋଇଛି । ପାରମ୍ପରିକ ରୀତିରେ ଛିନ୍ନନାଭି ଭଳି ମହୌଷଧିକୁ ପାଇବା ନିମନ୍ତେ ମାନସିକଧାରୀ ନିଃସନ୍ତାନ ଦମ୍ପତି ଭିଡ଼ ଲଗାଇଥିଲେ । କ୍ଷୀର ପାନ ଓ ଝୁଲଣ ନୀତିରେ ଶ୍ରୀଜୀଉଙ୍କ ବାଲ୍ୟଲୀଳାକୁ ଭକ୍ତମାନେ ଦର୍ଶନ କରିଥିଲେ । ପୁରାଣ ପଣ୍ଡା ମହେଶ୍ୱର ରଥଙ୍କ ସହ ସମସ୍ତ କଳାକାର ପୋଥିପୂଜା ସହିତ ସାମୂହିକ ବନ୍ଦନା ଗାନ କରିଥିଲେ । ସନ୍ଧ୍ୟାରୁ ଆରମ୍ଭ ହୋଇଥିବା ଶ୍ରୀରାମ ଲୀଳାଭିନୟ କଳାକାରମାନେ ଯଜ୍ଞ ଉପବିତ ଧାରଣ ପୂର୍ବକ ମନ୍ଦିର ପରିସରରେ ସମୂହ ଅବସ୍ଥାନ କରିବେ । ଏଥିସହ ଦଶପଲ୍ଲା ସ୍ୱପ୍ନ ମହାବୀର ପୀଠ, ସାତପାଟଣାସ୍ଥିତ ଶ୍ରୀରାମ ମନ୍ଦିର ଓ ଦୂର୍ଗାବଜକ୍ଷରସ୍ଥିତ ଶ୍ରୀରାମ ମନ୍ଦିର ପରିସରରେ ଶ୍ରୀରାମ ଜନ୍ମନୀତି ପାଳିତ ହୋଇଛି । ଏହି ଅବସରରେ ମନ୍ଦିର ସଂଲଗ୍ନ ମୁଖ୍ୟ ନାଟ୍ୟମଣ୍ଡପରେ ଲଙ୍କାପୋଡ଼ି ଯାତ୍ରା ଶୁଭାରମ୍ଭ ହୋଇଛି । ପ୍ରଥମ ସନ୍ଧ୍ୟାରେ ଶ୍ରୀରାମ ଜନ୍ମ ଲୀଳାଭିନୟ ଆରମ୍ଭ ହୋଇଛି । ୨୨୪ତମ ଲଙ୍କାପୋଡ଼ି ଯାତ୍ରା ପାଇଁ ଦଶପଲ୍ଲା ଉତ୍ସବମୁଖର ହୋଇଛି ।

### ଶ୍ରୀରାମ ନବମୀ ଯାତ୍ରାର ପ୍ରଥମ ସନ୍ଧ୍ୟା

## ଜନ୍ମନାରାୟଣ ବେଶ ଦର୍ଶନ କଲେ ୩୦ ହଜାର ଶ୍ରଦ୍ଧାଳୁ

ଓଡ଼ଗାଁ,୨୭ ।୩(ସମିସ)



ଗୁପ୍ତ ଅଯୋଧ୍ୟା ଭାବେ ପରିଚିତ ଓଡ଼ଗାଁର ଶ୍ରୀ ରଘୁନାଥଜୀଉଙ୍କ ପୀଠରେ ପବିତ୍ର ଚୈତ୍ର ଶୁକ୍ଳ ନବମୀ ଅବସରରେ ଶ୍ରୀରାମ ଜନ୍ମୋତ୍ସବ ପାଳିତ ହୋଇଛି । ପ୍ରଥମ ସନ୍ଧ୍ୟାରେ ପ୍ରଭୁଙ୍କ ଜନ୍ମନାରାୟଣ ବେଶ ଦର୍ଶନ ପାଇଁ ୩୦ ହଜାରରୁ ଅଧିକ ଭକ୍ତଙ୍କ ସମାଗମ ହୋଇଥିଲା । ଭୋର ସାଢେ ୪ଟାରେ ଦ୍ୱାରଫିଟା ପରେ ମଙ୍ଗଳ ଆଳତୀ, ପଞ୍ଚାମୃତ ସ୍ନାନ, ମହାସ୍ନାନ, ଅବକାଶ, ଚନ୍ଦନଲାଗି ଓ ସୂର୍ଯ୍ୟପୂଜା ନୀତି ସମ୍ପନ୍ନ ହୋଇଥିଲା । ପରେ ବଲ୍ଲଭ ନୀତି, ଖେଚୁଡ଼ି ଧୂପ ଓ ମହାଆଳତି ହୋଇଥିଲା । ପୂର୍ବାହ୍ନ ସାଢ଼େ ୧୦ଟାରେ ଭୋଗ ମଣ୍ଡପରେ ଶ୍ରୀ ରଘୁନାଥଙ୍କ ଜନ୍ମବିଧାନ କାର୍ଯ୍ୟ ଆରମ୍ଭ ହୋଇଥିଲା । ବୈଦିକ ମନ୍ତ୍ରୋଚ୍ଚାରଣ ମଧ୍ୟରେ ପ୍ରଭୁଙ୍କ ବିଜେ ପ୍ରତିମାକୁ ଜନ୍ମବେଦିକୁ ଆଣି ରୁପା ହାଣ୍ଡିରେ ପଞ୍ଚାମୃତ ସହ ନାଭି ସୃଷ୍ଟି କରାଯାଇଥିଲା । ପୁରୋହିତଙ୍କ ନୀତି ଅନୁଯାୟୀ ନାଭି ଛେଦନ, ମହାସ୍ନାନ, ସୂର୍ଯ୍ୟଦର୍ଶନ ଓ ଷଷ୍ଠୀ ପୂଜା ପରେ ଠାକୁରଙ୍କୁ ପୁନର୍ବାର ରତ୍ନବେଦିରେ ବିଜେ କରାଯାଇଥିଲା । ଘଣ୍ଟଘଣ୍ଟା, ହରିବୋଲ ଓ ହୁଳହୁଳି ଧ୍ୱନିରେ ମନ୍ଦିର ପରିସର ଭକ୍ତିମୟ ହୋଇଉଠିଥିଲା । ସନ୍ଧ୍ୟାରେ ପ୍ରଭୁ ଶ୍ରୀରଘୁନାଥ, ମାତା ସୀତା ଓ ଲକ୍ଷ୍ମଣ ସ୍ୱର୍ଣ୍ଣ ଅଳଙ୍କାରରେ ଶୋଭିତ ହୋଇ ଜନ୍ମନାରାୟଣ ବେଶରେ ଦର୍ଶନ ଦେଇଥିଲେ । ଏହି ଦିବ୍ୟ ବେଶ ଦର୍ଶନ ପାଇଁ ଭକ୍ତଙ୍କ ପ୍ରବଳ ଭିଡ଼ ଜମିଥିଲା । ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ, ବ୍ଲକ ଅଧକ୍ଷ ଲୋକନାଥ ସାହୁ, ପ୍ରାକ୍ତନ ଜିଲ୍ଲାପାଳ ହେମନ୍ତ ପାଢ଼ୀ ଓ ଅନ୍ୟ ଅଧିକାରୀ ଠାକୁରଙ୍କ ଦର୍ଶନ କରିଥିଲେ । ତହସିଲଦାର ଡ. ମାନସ ରଞ୍ଜନ ଭୋଇଙ୍କ ଉପସ୍ଥିତିରେ ଏସଡିପିଓ ନୀହାର ରଞ୍ଜନ ମହାନ୍ତି, ଆଇଆଇସି ସତ୍ୟନାରାୟଣ ବାରିକଙ୍କ ନେତୃତ୍ୱରେ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା । ତଥାପି ଭିଡ଼ର ସୁଯୋଗ ନେଇ ମନ୍ଦିର ବେଢ଼ାରେ କିଛି ଦୁର୍ବୃତ୍ତ ମହିଳାଙ୍କ ବେକରୁ ସୁନା ଅଳଙ୍କାର ଛିଣ୍ଡାଇ ନେଇଥିବା ଅଭିଯୋଗ ଆସିଛି । ଶନିବାର ସନ୍ଧ୍ୟାରେ ପ୍ରଭୁ ତାଡ଼କା ବଧ ବେଶରେ ଭକ୍ତଙ୍କୁ ଦର୍ଶନ ଦେବେ ।

# ଶ୍ରୀରାମ ନବମୀରେ ଉତ୍ସବମୁଖର ପୁରପଲ୍ଲୀ






ଖୋର୍ଦ୍ଧା, ୨୭।୩(ସମିସ)

ପବିତ୍ର ଶ୍ରୀରାମ ନବମୀ ପୂଜା ପାଇଁ ଖୋର୍ଦ୍ଧା ସହର ସମେତ ଉପକଣ୍ଠ ଆଜି ଉତ୍ସବମୁଖର ହୋଇଉଠିଛି। ବିଭିନ୍ନ ପୀଠରେ ରାମନବମୀ ଧୂମଧାମରେ ପାଳନ କରାଯାଇଥିବା ଦେଖାଯାଇଛି। ସ୍ଥାନୀୟ ଶ୍ରୀ ଚୈତନ୍ୟ ବିହାରଠାରେ ଶ୍ରୀଚୈତନ୍ୟ ରିସର୍ଚ୍ଚ ଆନୁକଲ୍ୟରେ ଶ୍ରୀ ରଘୁନାଥଙ୍କ ଜନ୍ମୋତ୍ସବ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ମଧ୍ୟାହ୍ନରେ ଅଭିଷେକ ପରେ ନାମ ସଂକୀର୍ତ୍ତନ, ପାରାୟଣ ପାଠ, ଜନ୍ମ ପ୍ରସଙ୍ଗ ଆଲୋଚନା କରାଯାଇଥିଲା। ଦୁର୍ଗା ଚରଣ ନାୟକ, ପଣ୍ଡିତ ଗୋପବନ୍ଧୁ ପଣ୍ଡା, ଶ୍ରୀଚୈତନ୍ୟ ଗବେଷକ ଜନାକୀ ବଲ୍ଲଭ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଙ୍କ ଗୁଣାବଳୀ ସମ୍ବନ୍ଧରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶ୍ରୀବୋଧାୟନ ମହାରାଜ, ଅନନ୍ତ ହରି ମହାରାଜ, ବନମାଳି ଦାସ ଯୋଗଦେଇ ଥିଲେ। କାର୍ଯ୍ୟକ୍ରମ କୁ ସଂଘ ସମ୍ପାଦକ ଜୟନାରାୟଣ ପଟ୍ଟନାୟକ ସଂଯୋଜନା କରିଥିଲେ।

ସେହିପରି ଗଡ଼ଖୋର୍ଦ୍ଧା ସ୍ଥିତ ଶ୍ରୀରଘୁନାଥ, ଗୁରୁଜଙ୍ଗ ସ୍ଥିତ ହନୁମାନ ମନ୍ଦିର, ଶ୍ରୀରାମ ମନ୍ଦିର, ଡାକ୍ତରସାହି ଲକ୍ଷ୍ମୀନାରାୟଣ ମନ୍ଦିର, ସ୍ୱପ୍ନେଶ୍ୱରସ୍ଥିତ ଶ୍ରୀରାମ ମନ୍ଦିର, ଜରିପୁଟ ସଙ୍କଟମୋଚନ ମହାବୀର ପ୍ରମୁଖ ପୀଠ ଗୁଡିକରେ ଧୁମଧାମରେ ରାମ ନବମୀ ପାଳିତ ହୋଇଯାଇଛି। ସେହିପରି ସ୍ଥାନୀୟ ପାନବରଜ ନିକଟସ୍ଥ ଆର୍ଯ୍ୟାବର୍ତ୍ତ ଆନସିଏଣ୍ଟ ଏକାଡେମୀସ୍ଥିତ ଶ୍ରୀ ଶ୍ରୀ ରଘୁନାଥ ଜୀଉଙ୍କ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଶ୍ରୀରାମ ଚରିତ ମାନସ, ନବାହ୍ନ ପାରାୟଣ ପୂଜା ଓ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହେଉଛି।

**ନିରାକାରପୁର :** ନିରାକାରପୁର ଶ୍ରୀରାମ ମନ୍ଦିର ପରିସରରେ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ଜନ୍ମ ମହୋତ୍ସବ ପାଳିତ ହୋଇଯାଇଛି। ଶ୍ରୀରାମଚରିତ ମାନସ ପଠନ ଅଧ୍ୟାପକ ଶ୍ୟାମ ସୁନ୍ଦର ପଟ୍ଟନାୟକଙ୍କ ଦ୍ୱାରା ଓ ଯଜ୍ଞହୋମ ଆଦି ସମ୍ପାଦନ କରାଯାଇ ସମସ୍ତ ଭକ୍ତମାନଙ୍କୁ ମିଷ୍ଟାନ୍ନ ବଣ୍ଟନ ସହ ଆନନ୍ଦ ବଜାର କାର୍ଯ୍ୟକ୍ରମ କରାଯାଇଥିଲା। ଅନୁଷ୍ଠାନର ସମ୍ପାଦକ ଗଙ୍ଗାଧର ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ସମ୍ପାଦନ ହୋଇଥିଲା। ରାମଦୟା ପରିଷଦର ସମସ୍ତ କର୍ମକର୍ତ୍ତା ଓ ସଭ୍ୟମାନେ ସହଯୋଗ କରିଥିଲେ। ସନ୍ଧ୍ୟାରେ ସଂକୀର୍ତ୍ତନ ଓ ପ୍ରବଚନ କାର୍ଯ୍ୟକ୍ରମ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁ ଓ ଖୋର୍ଦ୍ଧା ପୂର୍ବତନ ପୌରାଧ୍ୟକ୍ଷା ସଂଯୁକ୍ତ ସାହୁଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। ସେହିପରି କମାଗୁରୁ ରାମ ମନ୍ଦିରରେ ରାମ ନବମୀ ଆଡ଼ମ୍ବରରେ ପାଳିତ ହୋଇଛି।

**ଚିଲିକା :** ଚିଲିକା ବ୍ଲକ ବଉଳାବନ୍ଧ ଗ୍ରାମସ୍ଥିତ ବିଜେ ଶ୍ରୀ ଶ୍ରୀ ରଘୁନାଥ ଦେବଙ୍କ ପୀଠରେ ଶ୍ରୀରାମ ନବମୀ ପାଳିତ ହୋଇଯାଇଛି। ସକାଳଲେ ସୂର୍ଯ୍ୟପୂଜା, ଗୋପୂଜା, ଚଣ୍ଡୀପାଠ, ଶ୍ରୀରାମ ସହସ୍ରନାମ ଓ ହନୁମାନ ଚାଳିଶା ପଠନ ପରେ ହୋମ ଅନୁଷ୍ଠିତ ହୋଇଥିଲା। ପୁରୋଧା ଭାବେ ବସିଥିଲେ ରମାକାନ୍ତ ଦାଶ। ହୋମ ପରେ ସର୍ବ ପ୍ରଥମେ ଶ୍ରୀରାମ, ଲକ୍ଷ୍ମଣ, ସୀତା ଓ ହନୁମାନଙ୍କ ଉଦ୍ଦେଶ୍ୟରେ ବଡ଼କୁମ୍ଭ ବସିବା ପରେ ମାନସିକଧାରୀଙ୍କ କୁମ୍ଭ ବସା ଯାଇଥିଲା। ବହୁ ମାନସିକଧାରୀ ରୋଗରୁ ମୁକ୍ତି ପାଇବା ଓ ସନ୍ତାନପ୍ରାପ୍ତି ନିମନ୍ତେ ମାନସିକ କରି କୁମ୍ଭ ବସାଇଥିଲେ। ମୋଟ ୧୫୭୭ଟି କୁମ୍ଭ ବସାଯାଇଛି।

ସେହିପରି ଚିଲିକା ଅଞ୍ଚଳର ବିଭିନ୍ନ ଗ୍ରାମରେ ଥିବା ଶ୍ରୀରାମ ମନ୍ଦିର ମାନଙ୍କରେ ଶ୍ରୀରାମ ନବମୀ ପାଳିତ ହୋଇଯାଇଛି। ନାଚୁଣୀର ଶ୍ରୀରାମ ମନ୍ଦିର, ବଡପଦରର ଶ୍ରୀରଘୁନାଥଙ୍କ ମନ୍ଦିର, କଉଡିଖଣିର ଶ୍ରୀରାମ ମନ୍ଦିର, ସାନନଇରୀର ଶ୍ରୀରଘୁନାଥଙ୍କ ମନ୍ଦିର, ପଥର କଟାର ଶ୍ରୀରାମ ମନ୍ଦିର, ଚିଲିକା ବ୍ଲକ ସମ୍ମୁଖ ଶ୍ରୀରାମ ମନ୍ଦିର, ଖଜୁରୀଆ ଓରୀରଘୁନାଥ, ଭୀମପୁରର ଶ୍ରୀରାମ ମନ୍ଦିର, ବାଣପୁର ବଜାରସ୍ଥ ଶ୍ରୀରଘୁନାଥ ମନ୍ଦିର ଓ ବଡ଼ପଦର ଶ୍ରୀରାମ ବଜାରଠାରେ ରାମନବମୀ ପାଳିତ ହୋଇଯାଇଛି। ସେହିପରି ହରିପୁରଶାସନଠାରେ ବିଜେ ପଶ୍ଚିମାଭିମୁଖୀ ଶମ୍ଭୁ ପ୍ରତାପେଶ୍ୱର ଦେବଙ୍କ ପୀଠରେ ରାମନବମୀ ଠାରୁ ନବଦିନ ବ୍ୟାପୀ ରାମ କୋଟି ମହାଯଜ୍ଞ ଅନୁଷ୍ଠିତ ହେଉଛି। ବୈଦିକ ବ୍ରାହ୍ମଣଙ୍କ ଦ୍ୱାରା ନବଦିନ ବ୍ୟାପୀ ଯଜ୍ଞ ଅନୁଷ୍ଠିତ ହେବା ସହ ପ୍ରତ୍ୟେହ ୧ଲକ୍ଷ ୮ ବେଲ ପତ୍ରରେ ଭଗବାନ ଶ୍ରୀରାମଙ୍କ ନାମ ଲେଖାଯାଇ ଶ୍ରୀ ଶ୍ରୀପ୍ରତାପେଶ୍ୱର ଦେବଙ୍କୁ ଅର୍ପଣ କରାଯାଉଛି। ସନ୍ଧ୍ୟାରେ ପଣ୍ଡିତମାନଙ୍କ ଦ୍ୱାରା ରାମଚରିତ ମାନସ ପଠନ ସହ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି।

**ଭୂଷଣ୍ଡପୁର:** ଟାଙ୍ଗୀ ବ୍ଲକ ବାଲିପାଟପୁର ଠାରେ ରାମ ନବମୀ ଧୁମ୍‌ଧାମରେ ପାଳିତ ହୋଇଛି। ବାଲିପାଟପୁରର ରଘୁନାଥ ଦେବ ରାମଲୀଳା କମିଟି ଆନୁକୂଲ୍ୟରେ ସ୍ଥାନୀୟ ରଘୁନାଥଙ୍କ ମନ୍ଦିରରୁ ଠାକୁରଙ୍କୁ ବନ୍ଦାପନା କରାଯାଇ ନିକଟସ୍ଥ ରାମଲୀଳା ପଡ଼ିଆ କିମ୍ବା ଦୋଳପଡ଼ିଆ ବିରାଜମାନ କରାଯାଇ ମହା ଆଡମ୍ବରରେ ପୂଜାର୍ଚ୍ଚନା କରାଯାଇଥିଲା। ମଣ୍ଡପ ନିକଟରେ ରାମ ରକ୍ଷା ସ୍ତୋତମ, ରାମ ବନ୍ଦନା ଆଦି ପାଠ କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ରବୀନ୍ଦ୍ର କୁମାର ସାମନ୍ତରାୟ, ବାବନ ମହାରଣା, ରଙ୍କନାଥ ବିଶ୍ୱାଳ, ଧିରେନ୍ଦ୍ର କୁମାର ନରେନ୍ଦ୍ର, ଭରତ ସାହୁ, ସତୁରା ପ୍ରଧାନ, ଦିଲ୍ଲୀପ ପ୍ରଧାନ ଓ ମନୁଆ ପ୍ରଧାନ, ଅଜୟ ମହାରଣା ପ୍ରମୁଖ ପରିଚାଳନା କରିଥିଲେ।

## ‘ଜୟ ଶ୍ରୀ ରାମ’ ନାରାରେ କମ୍ପିଲା ସହର



ଖୋର୍ଦ୍ଧା, ୨୭।୩(ସମିସ): ରାମନବମୀ ଅବସରରେ ବଜରଙ୍ଗ ଦଳ ସଦସ୍ୟ ଓ ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ଏକ ବିଶାଳ ଶୋଭାଯାତ୍ରା ସହରରେ କରାଯାଇଥିଲା। ମୁକୁନ୍ଦପ୍ରସାଦ ମେଳଣ ପଡ଼ିଆରୁ ଶ୍ରୀରାମଙ୍କର ଫଟୋଚିତ୍ର ଏବଂ ଭଗୱା ରଙ୍ଗ ପତାକା ସହ ଏକ ସୁସଜ୍ଜିତ ରଥରେ ପ୍ରଭୁ ଶ୍ରୀରାମ, ଭ୍ରାତା ଲକ୍ଷ୍ମଣ, ମାତା ସୀତା, ହନୁମାନଙ୍କୁ ଆସୀନ କରି ଏକ ବିରାଟ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲା। ଶୋଭାଯାତ୍ରାର ଆଗରେ ଖୋଲା ଜିପରେ ଶ୍ରୀରାମଙ୍କ ବିଶାଳକାୟ ଫଟୋଚିତ୍ର, ଭଗୱା ଧ୍ୱଜ ରହିଥିବା ବେଳେ ପଛରେ ଏକ କିମି ବ୍ୟାପି ରହିଥିଲା ବାଇକ ଶୋଭାଯାତ୍ରା। ଶୋଭାଯାତ୍ରାରେ ହଜାର ହଜାର ଶ୍ରଦ୍ଧାଳୁ ଯୋଗଦେଇଥିବାବେଳେ ଜୟ ଶ୍ରୀରାମ ଧ୍ୱନିରେ ସହର ପ୍ରକମ୍ପିତ ହୋଇଥିଲା। ଅନ୍ୟପକ୍ଷରେ ଅପରାହ୍ନରେ ଶ୍ରୀରାମ ନବମୀ ସମନ୍ୱୟ ସମିତି ପକ୍ଷରୁ ଏକ ବିଶାଳ ଶୋଭଯାତ୍ରା ମଧ୍ୟ କରାଯାଇଥିଲା। ଏଥିରେ ଜିଲ୍ଲାର ସମସ୍ତ ପଞ୍ଚାୟତରୁ ଆସିଥିବା ଶ୍ରଦ୍ଧାଳୁ ସାମିଲ ହୋଇଥିଲେ।

## କାଳବୈଶାଖୀର ତାଣ୍ଡବ
## ପ୍ରବଳ ପବନରେ ଭାଙ୍ଗିଲା ଗଛ; ବିଦ୍ୟୁତ୍ ସେବା ଠପ୍

ଖୋର୍ଦ୍ଧା, ୨୭।୩(ସମିସ): ଖୋର୍ଦ୍ଧା ଜିଲ୍ଲାରେ ବିଭିନ୍ନ ବ୍ଲକ ଅଞ୍ଚଳରେ ଶୁକ୍ରବାର ରାତିରେ କାଳବୈଶାଖି ତାଣ୍ଡବ ଦେଖିବାକୁ ମିଳିଛି। ରାତି ପ୍ରାୟ ୯ଟାରୁ ଜୋର୍‌ରେ ପବନ ବହିବା ସହ ଘଡ଼ଘଡ଼ି ସହ ବର୍ଷା ହୋଇଥିଲା। ଫଳରେ ବିଭିନ୍ନ ସ୍ଥାନରେ ଗଛ ଉପୁଡ଼ି ପଡ଼ିବା ସହ ଡାଳ ଭାଙ୍ଗି ଯିବାରୁ ବିଦ୍ୟୁତ୍ ସେବା ଠପ୍ ହୋଇଯାଇଛି। ଚିଲିକା ଉପକୂଳବର୍ତ୍ତୀ ବାଲୁଗାଁ, ବାଣପୁର ଆଦି ଅଞ୍ଚଳରେ ଜୋର୍‌ରେ ବର୍ଷାପବନ ହୋଇଥିଲା। ବିଭିନ୍ନ ସ୍ଥାନରେ ଗଛପଡ଼ିଥିବା ନେଇ ଖବର ମିଳିଥିଲେ ମଧ୍ୟ କ୍ଷୟକ୍ଷତି ସମ୍ପର୍କରେ ସବିଶେଷ ସୂଚନା ମିଳିନାହିଁ।

ସୂଚନା ଅନୁସାରେ, ଶୁକ୍ରବାର ଦିନ ତମାମ ପ୍ରଚଣ୍ଡ ଖରା ସହ ପ୍ରବଳ ଗୁଲୁଗୁଳି ଅନୁଭୂତି ହୋଇଥିଲା। ସନ୍ଧ୍ୟା ବେଳକୁ କଳାହାଣ୍ଡିଆ ମେଘ ଘୋଟି ଆସିଥିଲା। ରାତି ପ୍ରାୟ ୯ଟା ବେଳକୁ ଜୋରରେ ପବନ ବହିବା ସହ ବର୍ଷା ହୋଇଥିଲା। ଖୋର୍ଦ୍ଧା ସମେତ ଜିଲ୍ଲାର ବେଗୁନିଆ, ଟାଙ୍ଗୀ, ନାଚୁଣୀ, ବାଣପୁର, ବାଲୁଗାଁ ଓ ଚିଲିକା ଆଦି ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ କେଉଁଠି ଚାଳ ଛପର ଘର ନଷ୍ଟ ହୋଇଛି ତ ଆଉ କେଉଁଠି ଲୋକଙ୍କ ଆଜବେଷ୍ଟସ ଉଡ଼ିଥିବା ଖବର ମିଳୁଛି। ଏପରିକି ପବନର ବେଗ ୫୦ରୁ ୭୦ ରହିଥିବା ଅନୁମାନ କରାଯାଉଛି। ପବନ ଯୋଗୁଁ ପନିପରିବା ଓ ଖରାଟିଆ ପାଚିଲା ଧାନ କ୍ଷତି ହୋଇଛି। ତେବେ କିଛିସ୍ଥାନରେ ରାସ୍ତା ଉପରେ ଛୋଟ ଗଛ ପଡ଼ିଥିବାବେଳେ ଅଗ୍ନିଶମ ବିଭାଗ ପହଞ୍ଚି ଗଛ କାଟି ରାସ୍ତା ସଫା କରିଛି ବୋଲି ଖୋର୍ଦ୍ଧା ସହକାରୀ ଅଗ୍ନିଶମ ଅଧିକାରୀ ମୀନକେତନ ବେହେରା ସୂଚନା ଦେଇଛନ୍ତି। ତେବେ କୌଣସି ସ୍ଥାନରେ ସେଭଳି ବଡ଼ ଧରଣର ଅଘଟଣ ଘଟିନଥିବା ଶ୍ରୀ ବେହେରା ସୂଚନା କହିଛନ୍ତି। ଅନ୍ୟପକ୍ଷରେ ରାତ୍ର ପ୍ରାୟ ୯ଘଟିକା ସମୟରୁ ବିଦ୍ୟୁତ ସରବରାହ ବନ୍ଦ ଯୋଗୁଁ ବହୁ ଅଞ୍ଚଳରେ ଅନ୍ଧକାରରେ ରହିଛି।

### ● ଆବର୍ଜନା ପାଣି କୁଣ୍ଡ ନିର୍ମାଣକୁ ବିରୋଧ
## ଅଭିଯୋଗକାରୀଙ୍କୁ ଆକ୍ରମଣ; ଥାନାରେ ମାମଲା

ଖୋର୍ଦ୍ଧା, ୨୭।୩(ସମିସ): ଖୋର୍ଦ୍ଧା ବ୍ଲକ ପୁରୁସାହି ଗ୍ରାମର ଶନିମନ୍ଦିର ନିକଟରୁ ଆବର୍ଜନା ପାଣି ନିଷ୍କାସନ ନିମନ୍ତେ ପ୍ରସ୍ତାବିତ ସ୍ଥାନରେ ଆବର୍ଜନା ପାଣିକୁଣ୍ଡ କରାନଯାଇ ଅନ୍ୟ ଏକ ସ୍ଥାନରେ କରିବାକୁ ଗ୍ରାମବାସୀ ଜିଲ୍ଲାପାଳଙ୍କୁ ଭେଟି ଅନୁରୋଧ କରିଥିଲେ। ଉକ୍ତ ଆବର୍ଜନା ପାଣିକୁଣ୍ଡ ନିର୍ମାଣକୁ ନେଇ ଗ୍ରାମରେ ଜନୈକ ବ୍ୟକ୍ତି ଅଶାନ୍ତି ସୃଷ୍ଟି କରୁଛନ୍ତି। ଏପରିକି ପ୍ରଶାସନିକ ଅଧିକାରୀଙ୍କ ନାଁରେ ଧମକ ଦେଉଥିବା ଏହି ସାମ୍ବାଦିକ କିଛିଲୋକଙ୍କୁ ମତାଇ ଗତକାଲି ଜୋରଜବରଦସ୍ତ ଏକ ଜେସିବ ଲଗାଇ ଡ୍ରେନ ଖୋଳୁଥିବା ବେଳେ ସେହି ଗ୍ରାମର ଦିଲ୍ଲୀପ ବେହେରା ବିରୋଧ କରିଥିଲେ। ଏ ନେଇ ପୂର୍ବରୁ ଦିଲ୍ଲୀପ ଅଳିଆ ଆବର୍ଜନା ପାଣି ନିଷ୍କାସନ ନିମନ୍ତେ ତାଙ୍କ ବାରିପଟେ ଡ୍ରେନ ନ ଖୋଳିବାକୁ ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବା ପରେ ପ୍ରଶାସନ ଏହାକୁ ସାମୟିକ ଭାବେ ବନ୍ଦ କରିଥିଲା। କିନ୍ତୁ ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶକୁ ନମାନି ଆତ୍ମଘୋଷିତ ସାମ୍ବାଦିକଙ୍କ ପ୍ରରୋଚନାରେ ଗ୍ରାମର କିଛିଲୋକ ଏକ ଜେସିବି ଦ୍ୱାରା ଡ୍ରେନ ଖୋଳୁଥିଲେ। ଯାହାକୁ ଦିଲ୍ଲୀପ ବିରୋଧ କରିବାରୁ ସେମାନେ ସଂଘବଦ୍ଧ ଭାବରେ ବିଭିନ୍ନ ମାରଣାସ୍ତ୍ରରେ ଦିଲ୍ଲୀପଙ୍କୁ ମରଣାତ୍ମକ ଆକ୍ରମଣ କରିଥିଲେ। ଏ ନେଇ ଆଦର୍ଶ ଥାନାରେ ଲିଖିତ ଅଭିଯୋଗ ହୋଇଛି। ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିବା ଥାନା ଅଧିକାରୀ ସଞ୍ଜୟ ନାୟକ ପ୍ରକାଶ କରିଛନ୍ତି।

ପ୍ରକାଶ ଥାଉକି, କିଛିଦିନ ତଳେ ଖୋର୍ଦ୍ଧା ଉଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଜଣେ ମହିଳା କର୍ମଚାରୀଙ୍କୁ ସମ୍ପୃକ୍ତ ସାମ୍ବାଦିକ ଜଣକ ବିରୁଦ୍ଧରେ ସାମାଜିକ ଗଣମାଧ୍ୟମରେ ବିଭିନ୍ନ ପ୍ରକାର ଅଶାଳୀନ ମନ୍ତବ୍ୟ ଦେବାପରେ ତାଙ୍କ ନାମରେ ଆଦର୍ଶ ଥାନାରେ ଏକ ଲିଖିତ ଅଭିଯୋଗ ହେବାରୁ ପୁଲିସ ଏକ ମାମଲା ରୁଜୁ କରିଥିଲା।

## ଅଖିଳ ଭାରତୀୟ ରେଳ ଚାଳକ ସଂଘର ଧାରଣା



ଜଟଣୀ, ୨୭।୩(ସମିସ): ଅଖିଳ ଭାରତୀୟ ରେଳ ଚାଳକ ସଂଘ ବିଭିନ୍ନ ଦାବି ନେଇ ରେଳ ଚାଳକ ନିୟନ୍ତ୍ରକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛି। ସମସ୍ତ ରେଳ କର୍ମଚାରୀମାନଙ୍କ ମହଙ୍ଗା ଭତ୍ତା ଗତ ୨୦୨୪ ମସିହା ଜାନୁୟାରୀ ୧ତାରିଖ ଠାରୁ ୫୦ ପ୍ରତିଶତ ଅତିକ୍ରମ କରିସାରିଥିବାରୁ ନିୟମନୁସାରେ ଗସ୍ତ ଭତ୍ତା୨୫ପ୍ରତିଶତ ବୃଦ୍ଧି ପାଇଛି। ହେଲେ ରେଳ ଚାଳକ ଏବଂ ସହ ଚାଳକଙ୍କ ପ୍ରତି କାର୍ଯ୍ୟକାରୀ କରାଯାଉନାହିଁ। ଏନେଇ ସଂଘ ଦୀର୍ଘ ୨ବର୍ଷ ଠାରୁ କାର୍ଯ୍ୟକାରୀ କରିବା ଲାଗି ଦାବି କରିଆସୁଛି। ରେଳ ପ୍ରଶାସନ ଗତ ୨୦ତାରିଖରେ ରେଳ ଚାଳକ ଓ ସହଚାଳକଙ୍କ ମାଇଲେଜ ଭତ୍ତାରେ ବୃଦ୍ଧି କରିବାକୁ ପତ୍ର ଜାରି କରିଛି। ହେଲେ ଏହି ବୃଦ୍ଧି ୨୫ ପ୍ରତିଶତ ନହୋଇଥିବାରୁ ସଂଘ ସର୍ବଭାରତୀୟ ସ୍ତରରେ କେନ୍ଦ୍ରରେ ଏକ ଦିନିଆ ଧାରଣା ପ୍ରଦର୍ଶନ କରିଛି। ଏନେଇ ଏକ ଲିଖିତ ଅଭିଯୋଗ ରେଳ ବୋର୍ଡ ଅଧ୍ୟକ୍ଷଙ୍କୁ ପ୍ରଦାନ କରାଯାଇଛି। ଆଜିର ଏହି ଧାରଣାରେ ଖୋର୍ଦ୍ଧା ମଣ୍ଡଳ ସଭାପତି ପ୍ରଫୁଲ୍ଲ ଦାଶ, ଗଣେଶ ପାଣିଗ୍ରାହୀ, ବଳରାମ କୁମାର, ପୁତୁମ ବେହେରା, ନିହାର ସାହୁ, କମଳାକାନ୍ତ ସାହୁ, ବିଶ୍ୱଜିତ ପ୍ରଧାନ, ଏସ୍ କେ ମିଶ୍ର, ଡୁଡି ବିନୋଦ ଓ ବାସୁଦେବ ଜେନା ପ୍ରମୁଖ ଧାରଣାରେ ଯୋଗ ଦେଇଥିଲେ।

## ପୋଖରୀରେ ବୁଡ଼ି ନାବାଳକ ମୃତ

ବାଲୁଗାଁ, ୨୭।୩(ସମିସ): ବାଲୁଗାଁ ଥାନା ଅନ୍ତର୍ଗତ ପାଇକ କୁଶଡ଼ିହ ଗ୍ରାମରେ ଶୁକ୍ରବାର ସକାଳେ ପୋଖରୀରେ ବୁଡ଼ି ଜଣେ ନାବାଳକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟଜଣକୁ ଉଦ୍ଧାର କରାଯାଇଛି। ମୃତକ ହେଲେ ସେହି ଗ୍ରାମର ରାଜୁ ସୁନ୍ଦରାୟଙ୍କ ୧୦ ବର୍ଷର ପୁଅ ମହେଶ। ସାଙ୍ଗ ସହ ମିଶି ମହେଶ ଗ୍ରାମ ପୋଖରୀ ନିକଟରେ ଶୁକ୍ରବାର ସକାଳେ ଖେଳୁଥିଲେ। ପ୍ରାୟ ୯ଟାବେଳେ କୌଣସି କାରଣରୁ ଦୁହେଁ ହାତ ଧରା ଧରି ହୋଇ ପୋଖରୀ ଭିତରକୁ ଖସି ପଡ଼ିଥିଲେ। ରାସ୍ତା ଦେଇ ଯାଉଥିବା ଜଣେ ବ୍ୟକ୍ତି ଦୁହେଁ ବୁଡ଼ି ଯାଉଥିବା ଦେଖି ପୋଖରୀକୁ ଡେଇଁ ମହେଶଙ୍କ ସାଙ୍ଗକୁ ଉଦ୍ଧାର କରିଥିଲେ। ମାତ୍ର ବହୁ ଖୋଜାଖୋଜି କରି ମଧ୍ୟ ମହେଶଙ୍କୁ ପାଇ ନଥିଲେ। ପରେ ଗ୍ରାମବାସୀଙ୍କ ସହାୟତାରେ ମହେଶକୁ ଉଦ୍ଧାର କରି ବାଲୁଗାଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ମହେଶକୁ ଡାକ୍ତର ମୃତ ଘୋଷଣା କରିଥିଲେ। ବାଲୁଗାଁ ପୁଲିସ କ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛି।

## ମା’ ଉମାଚଣ୍ଡିଙ୍କ ପୀଠରେ ଅଶୋକାଷ୍ଟମୀ ଯାତ୍ରା

ବାଲୁଗାଁ, ୨୭।୩(ସମିସ): ସ୍ଥାନୀୟ ବଡ଼କୁଳ ପଞ୍ଚାୟତର ନୂଆଗଡ଼ ଗ୍ରାମ ଭାଲେରୀ ପାହାଡ଼ ପାଦଦେଶରେ ଅବସ୍ଥିତ ମା’ ଚଣ୍ଡିଙ୍କ ପୀଠରେ ଅଶୋକାଷ୍ଟମୀ ଯାତ୍ରା ଆଡ଼ମ୍ବର ସହକାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପୀଠରେ ଦୁର୍ଗା ସପ୍ତସତୀ ଯଜ୍ଞ ଓ ଦେବାଦେବୀଙ୍କ ମହାମେଳଣ ଅନୁଷ୍ଠିତ ହୋଇଛି। ଯାତ୍ରାରେ ଅଖପାଖ ଗ୍ରାମରୁ ହଜାର ହଜାର ଶ୍ରଦ୍ଧାଳୁ ପହଞ୍ଚି ମା’ଙ୍କ ଦର୍ଶନ ସହ ପ୍ରସାଦ ସେବନ କରି ଆର୍ଶିବାଦ ଲାଭ କରିଥିଲେ। ଦିନ ତମାମ ଏଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଯାତ୍ରାକୁ ନୂଆଗଡ଼ ଗ୍ରାମବାସୀ ଶାନ୍ତିଶୃଙ୍ଖଳାର ସହ ସୁପରିଚାଳନା କରିଥିଲେ।

## ସିଦ୍ଧିଦାତ୍ରୀ ବେଶରେ ମା’ ବନଦୁର୍ଗା

ନିରାକାରପୁର, ୨୭।୩(ସମିସ): ରାମେଶ୍ୱର ସ୍ଥିତ ମା’ ବନଦୁର୍ଗାଙ୍କ ପୀଠରେ ଶାରଦୀୟ ନବରାତ୍ରିର ଅଷ୍ଟମ ଦିବସରେ ସିଦ୍ଧିଦାତ୍ରୀ ବେଶରେ ମା’ ଦର୍ଶନ ଦେଇଛନ୍ତି। ଡଃ କୃପାସିନ୍ଧୁ ପଣ୍ଡା



ପୂଜାର୍ଚ୍ଚନା କରିଥିଲେ ଓ ପଣ୍ଡିତ ତପନ କୁମାର ମହାପାତ୍ର, ବିଷ୍ଣୁପ୍ରିୟା ପଟ୍ଟଯୋଷୀ ପଣ୍ଡିତ ସୀତାକାନ୍ତ ଦାଶ ଓ ବେଦ ବିଦ୍ୟାର୍ଥୀମାନେ ସହଯୋଗ କରିଥିଲେ।

## ଶ୍ରୀ ରଙ୍କନାଥ ଦେବଙ୍କ ରଘୁନାଥ ବେଶ

ବାଣପୁର, ୨୭।୩(ସମିସ): ବାଣପୁରର ଆରାଧ୍ୟଦେବ ଶ୍ରୀରଙ୍କନାଥ ଦେବ ଶ୍ରୀରାମ ନବମୀ ଅବସରରେ ରଘୁନାଥ ବେଶରେ ଶ୍ରଦ୍ଧାଳୁମାନଙ୍କୁ ଦର୍ଶନ ଦେଇଛନ୍ତି। ଏହି ବେଶରେ ଶ୍ରୀଜିଉମାନେ ଶ୍ରୀମସ୍ତକରେ



ସ୍ୱର୍ଣ୍ଣ କିରୀଟ, କୁଣ୍ଡଳ, ଶ୍ରୀଭୁଜ ଶ୍ରୀପୟର ଆଡ଼କାନି, ଓଡ଼ିଆଣି ହରଡ଼ ମାଳି, କଦମ୍ବ ମାଳି, ଶଙ୍ଖ, ଚକ୍ର ଓ ଶ୍ରୀବଳଭଦ୍ର ଦେବ ହଳ, ମୁଷଳ ଧାରଣ କରିବା ସହ ଶ୍ରୀଜିଉ ମାନେ ହସ୍ତରେ ଧନୁ ଓ ତୀର ଧାରଣ କରି ଶ୍ରଦ୍ଧାଳୁ ମାନଙ୍କୁ ଦର୍ଶନ ଦେଇଛନ୍ତି।

### ● ଢାବାରେ ଦିବ୍ୟାଙ୍ଗ କର୍ମଚାରୀଙ୍କୁ ହତ୍ୟା ଘଟଣା
## ଢାବା ମାଲିକ ଓ କର୍ମଚାରୀ ଗିରଫ

ବାଲୁଗାଁ, ୨୭।୩(ସମିସ): ବାଲୁଗାଁ ଥାନା ଅଧିନ ୧୬ ନଂ ଜାତୀୟ ରାଜପଥ ପାର୍ଶ୍ୱ ସୁବୁଦ୍ଧିପାଟଣା ଗ୍ରାମ ଛକର ଅନତି ଦୂର ଏକ ଢାବାରେ କାମ କରୁଥିବା ବାଣପୁର ଥାନା ଅନ୍ତର୍ଗତ ଏକଡାଳିଆ ଗ୍ରାମର ଦିବ୍ୟାଙ୍ଗ କର୍ମଚାରୀ ପପୁ ଦଳବେହେରା (୨୨)ଙ୍କୁ ବୁଧବାର ରାତିରେ ଗଳାକାଟି ହତ୍ୟା କରାଯାଇଥିଲା। ଏହି ଘଟଣାରେ ବାଲୁଗାଁ ପୁଲିସ ପଣ୍ଡା ଢାବା ମାଲିକ ମନୋରଞ୍ଜନ ବେହେରା ଓ ଅନ୍ୟଜଣେ କର୍ମଚାରୀ ଶାନ୍ତନୁ ପ୍ରଧାନଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ପୂର୍ବର କୌଣସି କଥାକୁ ନେଇ ବିବାଦ ସହ ଏକ ମୋବାଇଲ ଫୋନକୁ କେନ୍ଦ୍ରକରି ଏହି ହତ୍ୟାକାଣ୍ଡ ଘଟିଥିବା ତଦନ୍ତରୁ ଜାଣିବାକୁ ପାଇଛି ପୁଲିସ।

## ଗ୍ୟାସ୍ ସିଲିଣ୍ଡର ରଖି ଉପଭୋକ୍ତାଙ୍କ ଧାରଣା

ଖୋର୍ଦ୍ଧା/ବେଗୁନିଆ, ୨୭।୩ (ସମିସ)



ଖୋର୍ଦ୍ଧା-ବଲାଙ୍ଗୀର ୫୭ନଂ. ଜାତୀୟ ରାଜପଥର ବିନୋଦପଡ଼ା ଗ୍ରାମ ସ୍ଥିତ ରାଧା ଗୋବିନ୍ଦ ଏଚ୍‌ପି ଗ୍ୟାସ ଅଫିସ ସମ୍ମୁଖ ରାସ୍ତାରେ ଉପଭୋକ୍ତାମାନେ ଖାଲି ଗ୍ୟାସ ସିଲିଣ୍ଡର ରଖି ଶୁକ୍ରବାର ଧାରଣା ଦେଇଥିଲେ। ଫଳରେ ଉଭୟ ପାର୍ଶ୍ୱରେ ବହୁ ଗାଡ଼ିମୋଟର ଅଟକି ରହିଥିଲା। ଫଳରେ ଯାତ୍ରୀମାନେ ନାହିଁ ନଥିବା ଅସୁଧାର ସମ୍ମୁଖୀନ ହୋଇଥିଲେ।

### ପ୍ରଶାସନର ପ୍ରତିଶ୍ରୁତି ପରେ ହଟିଲା

ସୂଚନା ଅନୁଯାୟୀ, ଦୀର୍ଘ ଏକମାସ ହେବ ଗ୍ୟାସ ଉପଭୋକ୍ତାମାନେ ବୁକିଂ କରିଥିଲେ ମଧ୍ୟ ବାରମ୍ବାର ଅଫିସକୁ ଯାଇ ଖାଲି ହାତରେ ଫେରୁଥିଲେ। ଏଥିରେ ଉପଭୋକ୍ତାଙ୍କ ପାଖକୁ ଓଟିପି ଯାଉଛି ସତ କିନ୍ତୁ ବୁଝିଲା ବେଳକୁ ଗ୍ୟାସ ସିଲିଣ୍ଡର ନଥିବା କଥା ପରିଚାଳକ କହୁଥିବା ବେଳେ ଉପଭୋକ୍ତା କହୁଛନ୍ତି ଗ୍ୟାସ ଗୁଡିକ ଅଧିକା ଦାମରେ ବିତରକ ବାହାରେ ବିକ୍ରି କରିଦେଉଛନ୍ତି। ରଣପୁର ଥାନା ଅଧିକାରୀ ଆଶିଷ ଦେବ ସାହୁ ଓ ଫାଣ୍ଡି ଅଧିକାରୀ ରମେଶ ଜେନା ଓ ଏଏସ୍‌ଆଇ ହେମନ୍ତ କୁମାର ପ୍ରଧାନ ପହଞ୍ଚି ବିତରକଙ୍କ ସହ ଆଲୋଚନା କରି ଗ୍ୟାସ ଷ୍ଟକ ଆସିଲେ ବିତରଣ କରାଯିବ ବୋଲି ପ୍ରତିଶ୍ରୁତି ଦେବାରୁ ରାସ୍ତା ଅବରୋଧ ହଟିଥିଲା। ପରେ ଉଭୟ ପାର୍ଶ୍ୱରେ ଥିବା ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା।

### ● ବ୍ୟବସାୟୀଙ୍କୁ ମିଳୁନି ଗ୍ୟାସ୍ ସିଲିଣ୍ଡର
## ମାଟି ଚୁଲାରେ କାଠ ଜାଳି ମିଠା ପ୍ରସ୍ତୁତ କଲେ ବ୍ୟବସାୟୀ

ବେଗୁନିଆ, ୨୭।୩(ସମିସ): ଆମେରିକା-ଇସ୍ରାଏଲ୍ ଓ ଇରାନ ମଧ୍ୟରେ ଚାଲିଥିବା ଯୁଦ୍ଧ ଯୋଗୁଁ ବିଭିନ୍ନ ଦେଶରେ ଗ୍ୟାସ୍ ଓ ପେଟ୍ରୋଲ୍, ଡିଜେଲ ଯୋଗାଣ ବାଧାପ୍ରାପ୍ତ ହୋଇଛି। ଗ୍ୟାସ ଅଭାବରୁ ବହୁ ହୋଟେଲ ଓ ରାସ୍ତାକଡ଼ ଦୋକାନ ବନ୍ଦ ହେବାକୁ ବସିଲାଣି। କେତେକ ବ୍ୟବସାୟୀ ବାଧ୍ୟ ହୋଇ ପୁଣି ସେହି ପୁରୁଣା ବ୍ୟବସ୍ଥା ମାଟିଚୁଲି ଓ କାଠ ଜାଳେଣୀକୁ ଆପଣେଇଲେଣି। ଏପରି ଏକ ଘଟଣା ଦେଖିବାକୁ ମିଳିଛି ବେଗୁନିଆ ବ୍ଲକ ପୋଡ଼ାଡିହ ପଞ୍ଚାୟତ ଅନ୍ତର୍ଗତ ତୁଳସୀପୁର ବଜାରରେ। ଏଠାରେ କାଳନ୍ଦୀ ଚରଣ ସାହୁ ଦୀର୍ଘ ୧୫ ବର୍ଷ ଧରି ମିଠା ବ୍ୟବସାୟ କରି ଆସୁଛନ୍ତି। ତେବେ ଗ୍ୟାସ ସଂକଟ ଯୋଗୁଁ ସେ ମାଟିରେ ଏକ ଚୁଲା ନିର୍ମାଣ କରି କାଠ ଜାଳି ମିଠା ପ୍ରସ୍ତୁତ କରୁଛନ୍ତି।



